ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୱ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 19 | 12 - 18 May 2024 | Sambalpur | Pages- 8 | Invitation Price Rs.10

## ଲୋକଙ୍କ ସହ ଯୋଡ଼ି ହେବା ପାଇଁ କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି ଦଳୀୟ ପ୍ରାର୍ଥୀ

ସମ୍ବଲପୁର : କିଛି ଦିନ ହେଲା ସମ୍ବଲପୁର ତାପାମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ଏହାକୁ ବଳି ଯାଇଛି ନିର୍ବାଚନୀ ତାତି । ବିଜେପିର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁରରେ ମୁହାଁମୁହିଁ । ଏଠାରେ ଘଡ଼ିକେ ଘୋଡ଼ା ଛୁଟୁଛି । ସାରା ରାଜ୍ୟ ସହ ଦେଶର ନଜର ସମ୍ବଲପୁର ରାଜନୀତି ଉପରେ ରହିଛି । ରାଜନୀତିକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ମଧ ଅନେକ ଉତ୍କଣ୍ଠା । ସବୁ ଖଟିରେ ଏହା ହିଁ ମୁଖ୍ୟ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ନିର୍ବାଚନ ସମୟ ହୋଇଥିବାରୁ ଲୋକମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ପ୍ରାର୍ଥୀମାନେ ବିଭିନ୍ନ ପନ୍ଥା ଅବଲମ୍ବନ କରୁଛନ୍ତି । ପ୍ରାର୍ଥୀମାନେ ପର୍ବପର୍ବାଣୀ ଠାରୁ ଆରମ୍ଭ କରି ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ଭେଟିବାର ସୁଯୋଗ ହାତଛଡ଼ା କରୁ ନାହାନ୍ତି । ମୁଖ୍ୟତଃ ବିଜେଡି ଓ ବିଜେପି ପକ୍ଷରୁ ଦଳୀୟ ପ୍ରାର୍ଥୀମାନେ ବିଭିନ୍ନ ସଭାସମିତି ଜରିଆରେ ଲୋକଙ୍କୁ ଭେଟି ତାଙ୍କର ପ୍ରଚାର ଚଳାଇଛନ୍ତି । ମିଶ୍ରଣ ପର୍ବମାନ ଆୟୋଜନ କରି ଅନ୍ୟ ଦଳରୁ ନେତା ଓ କର୍ମୀମାନଙ୍କୁ ଆଣି ତାଙ୍କ ଦଳରେ ସାମିଲ କରାଉଛନ୍ତି । ଉଭୟ ଦଳ ପକ୍ଷରୁ ଘନ ଘନ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ପରସ୍ପରକୁ ଆରୋପ ଓ ପ୍ରତ୍ୟାରୋପ କରୁଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚାର ବିଷୟ ହେଉଛି ।





ପ୍ରାର୍ଥୀମାନେ ତାଙ୍କ ଆଡ଼କୁ ଭୋଟରଙ୍କୁ ଯେପରି ଆଣି ପାରିବେ ସେଥିପାଇଁ ନାନା ପ୍ରକାର କୌଶଳ ଅବଲମ୍ବନ କରୁଥିବା ଦେଖିବାକୁ ମିଳୁଛି । ଏପରିକି ବିଜେଡି ଓ ବିଜେପି ପକ୍ଷରୁ ଭୋଟରମାନଙ୍କୁ ପୁରୀର ମହାପ୍ରସାଦ ମଧ ଘରେ ଘରେ ବଣ୍ଟା ଯାଉଥିବାର ଦେଖିବାକୁ ମିଳୁଛି । ସେହିପରି ବିଭିନ୍ନ କ୍ଲବ ଓ ଅନୁଷ୍ଠାନ ମାନଙ୍କ ପକ୍ଷରୁ ସଭାସମିତି ଓ ଭୋଜିଭାତର ଆୟୋଜନ କରାଯାଉଛି । ମଜାର କଥା ଯେ, ଉଭୟ ପକ୍ଷରୁ ହେଉଥିବା ଭୋଜିଭାତ ଓ ଶୋଭାଯାତ୍ରାରେ ସେହି ଲୋକମାନେ ହିଁ ଅଂଶ ଗ୍ରହଣ କରୁଛନ୍ତି ଓ ସେମାନଙ୍କୁ ନେଇ ଦଳ ଶକ୍ତି ପ୍ରଦର୍ଶନ କରୁଛି ।

ସମ୍ବଲପୁରୀ ବସ୍ତ୍ର ପିନ୍ଧିବା ଏବଂ ସରସତିଆ ଖାଇବା ପ୍ରତି ନେତା ଓ କର୍ମୀମାନଙ୍କର ଅଚାନକ ପ୍ରୀତି ଦେଖା ଦେଇଛି । ଏହି କ୍ରମରେ ନେତାମାନେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ସହିତ ସମ୍ବଲପୁରର ସ୍ୱତନ୍ତ୍ର 'ସରସତିଆ' ମିଠା ଦୋକାନକୁ ଯାଇ ଏହାର ମଜା ନେଉଥିବା ଦେଖିବାକୁ ମିଳୁଛି ।





ଶୀତଳଷଷ୍ଠୀରେ ନିର୍ବାଚନୀ ରଙ୍ଗ

ପ୍ରାର୍ଥୀପତ୍ର ଦାଖଲ ଦିନ ବିଜେଡିର ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ରୋହିତ ପୂଜାରୀ ଓ ରେଙ୍ଗାଲି ବିଧାନସଭା ପ୍ରାର୍ଥୀ ସୁଦର୍ଶନ ହରିପାଲ ସମ୍ବଲପୁରୀ କୁର୍ତ୍ତା ପରିଧାନ କରିଥିଲେ । ଶୋଭାଯାତ୍ରାରେ ଆସିବା ସମୟରେ କୁଞ୍ଜେଲପଡ଼ାରେ ଅଟକି ସେମାନେ 'ସରସତିଆ' ବି ଖାଇଥିଲେ । ଧର୍ମେନ୍ଦ୍ର ପ୍ରଧାନ ମଧ ପ୍ରାର୍ଥୀପତ୍ର ଦାଖଲ ଦିନ ତଥା ଅଧିକାଂଶ ସମୟରେ ସମ୍ବଲପୁରୀ ବସ୍ତ୍ର ପରିଧାନକରୁଥିବାଦେଖାଯାଇଛି ।ନିକଟରେଅନ୍ୟ ଦଳୀୟ ନେତାଙ୍କ ସହିତ କୁଞ୍ଜେଲପଡ଼ାରେ ପହଂଚି ସେ 'ସରସତିଆ'ର ମଜା ନେଇଥିଲେ । ବହୁଦିନ ପୂର୍ବରୁ ତାଙ୍କ ପତ୍ନୀ ମୃଦୁଳା ଠାକୁର ପ୍ରଧାନ ସେହି ଦୋକାନରେ ପହଂଚି ସରସତିଆ ଛାଣିବା ସହିତ ସରସତିଆ ଖାଇ ପ୍ରଶଂସା ବି କରିଥିଲେ । ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁରୀ ଗାମୁଛା ଧରି ବୁଲୁଛନ୍ତି । ସମ୍ବଲପୁର ଲୋକସଭା କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ, ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଦୁର୍ଗା ପାଢ଼ୀଙ୍କ ଠାରୁ ଆରମ୍ଭ କରି ଅନ୍ୟ ଦଳର ପ୍ରାର୍ଥୀ ତଥା ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ବି କାନ୍ଧରେ ସୁନ୍ଦର ସମ୍ବଲପୁରୀ ଗାମୁଛା ପକାଇ ବୁଲୁଥିବା ଦେଖିବାକୁ ମିଳୁଛି । ନିଜ ନିଜ ନିର୍ବାଚନ କ୍ଷେତ୍ରକୁ ଗସ୍ତରେ ଯାଉଥିବା ଏହି ନେତାଙ୍କୁ ଲୋକେ ସମ୍ବଲପୁରୀ ଗାମୁଛା ଦେଇ ସମ୍ବର୍ଦ୍ଧିତ କରୁଛନ୍ତି ।

ସେହିପରି ଚଳିତ ବର୍ଷ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ବିଭିନ୍ନ ପଡ଼ାରେ ହୋଇଥିବା ଥାଳଉଠା କାର୍ଯ୍ୟକ୍ରମରେ ମଧ ନେତାମାନେ ଯୋଗ ଦେଇଛନ୍ତି । ଏହାଛଡ଼ା ଅକ୍ଷୟ ତୃତୀୟା ଦିନ ହେଉଥିବା ଅକ୍ଷୀମୁଠି ଛୁଆଁ ପାଇଁ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ହଳ ଧରିବା ସାଙ୍ଗକୁ ଧାନ ବୁଣା ମଧ ଆରମ୍ଭ କରିଛନ୍ତି । ଚଳିତବର୍ଷ ସମ୍ବଲପୁର ଲୋକସଭା ନିର୍ବାଚନ ପାଇଁ ଭୁବନେଶ୍ୱର, କଟକ, ଢେଙ୍କାନାଳ, ଅନୁଗୁଳ, ଯାଜପୁର ସମେତ ରାଜ୍ୟ ତଥା ରାଜ୍ୟ ବାହାରୁ ଯେଉଁଭଳି ଲୋକଙ୍କ ଭିଡ଼ ଜମୁଛି ପୂର୍ବରୁ କେବେ ଏପରି ହୋଇ ନ ଥିଲା ।

ଅବଶିଷ୍ଟାଂଶ ୭ମ ପୃଷ୍ଠାରେ

## ଧର୍ମେନ୍ଦ୍ରଙ୍କ ପରେ ରାସେଶ୍ୱରୀଙ୍କ ଘରକୁ ଯାଇ ଆଶିର୍ବାଦ ନେଲେ ଜୟନାରାୟଣ



ସମ୍ବଲପୁର : ରାଜନୀତିରେ କେହି କେବେ କାହାର ସ୍ଥାୟୀ ଶତ୍ରୁ ନୁହନ୍ତି । ରାଜନୀତିରେ ସବୁକିଛି ସମ୍ଭବ । ଦିନ ଥିଲା ଉଭୟ ଥିଲେ ରାଜନୈତିକ ପ୍ରତିଦ୍ୱନ୍ଦୀ । ତୀବ୍ର ବିରୋଧୀ । ଜଣେ ଅନ୍ୟ ଜଣକର ନାଁ ଶୁଣିଲେ ନାଭି ଡେଉଁଥିଲା । ହେଲେ, ସମୟ ବଦଳିବା ସହିତ ସଂପର୍କ ବି ବଦଳିବାରେ ଲାଗିଛି । ତେବେ ସମ୍ବଲପୁର ବିଧାନସଭା ଆସନରୁ ବିଜେପି ପକ୍ଷରୁ ପ୍ରତିଦ୍ୱନ୍ଦିତା କରୁଥିବା ବିଧାୟକ ଜୟନାରାୟଣ ମିଶ୍ର ହଠାତ୍ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ବାସଭବନରେ ପହଞ୍ଚି ତାଙ୍କ ଆଶିର୍ବାଦ ଓ ସମର୍ଥନ ମାଗିଛନ୍ତି । ଏଥିପାଇଁ ସେ ଡାକ୍ତର ପାଣିଗ୍ରାହୀଙ୍କ ସହ ଏକ ଘଣ୍ଟା ଧରି ଆଲୋଚନା କରିଥିଲେ । ଗତ ୨୦୧୪ ମସିହା ବିଧାନସଭା ନିର୍ବାଚନରେ ପ୍ରଥମ ପଦାର୍ପଣରେ ହିଁ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ ତିନିଥର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ପରାସ୍ତ କରିଥିଲେ । ତେବେ, ୨୦୧୯ ମସିହା ନିର୍ବାଚନରେ ରାସେଶ୍ୱରୀଙ୍କୁ ପରାସ୍ତ କରି ଜୟନାରାୟଣ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେଇଥିଲେ । ଚଳିତ ନିର୍ବାଚନରେ ବିଜେଡି ରାସେଶ୍ୱରୀଙ୍କୁ ଟିକେଟ ଦେଇଥିଲେ ଦୁହେଁ ପୁଣି ଥରେ ମୁହାଁମୁହିଁ ହୋଇଥାନ୍ତେ । ହେଲେ ସମର୍ଥକଙ୍କ ପ୍ରତିବାଦ, ର୍ୟାଲି ଆଦି ସତ୍ତ୍ୱେ ବିଜେଡି ସମ୍ବଲପୁର ବିଧାନସଭା ଆସନରୁ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ଏଥର ଟିକେଟ ଦେଇଛି । ଏପଟେ ଟିକେଟ ନ ମିଳିବା କାରଣରୁ ରାସେଶ୍ୱରୀ ବିଜେଡିରୁ ଇସ୍ତଫା ଦେଇଛନ୍ତି । ରାସେଶ୍ୱରୀଙ୍କୁ ସମର୍ଥନ କରି ୪୧ଜଣ ପଦାଧିକାରୀ ଓ ସକ୍ରିୟ କର୍ମୀ ଦଳରୁ ଇସ୍ତଫା ଦେଇଛନ୍ତି । ରାସେଶ୍ୱରୀ ଇସ୍ତଫା ଘୋଷଣା ସମୟରେ ଆଉ କୌଣସି ଦଳରେ ଯୋଗଦେବେ ନାହିଁ, କିନ୍ତୁ ଜନସେବା ଜାରି ରଖିବେ ବୋଲି ସ୍ପଷ୍ଟ କରିଥିଲେ । କିଛିଦିନ ତଳେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଚାନକ ତାଙ୍କ ବାସଭବନରେ ପହଂଚି ରାସେଶ୍ୱରୀଙ୍କ ଆଶୀର୍ବାଦ ନେଇଥିଲେ । ଟିକିଏ ବିଳମ୍ବରେ ହେଲେ ବି ଜୟନାରାୟଣ ମଧ ରାସେଶ୍ୱରୀଙ୍କୁ ଭେଟିଛନ୍ତି । ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ କେବଳ ଜଣେ ରାଜନୀତିଜ୍ଞ ନୁହନ୍ତି ସେ ସମାଜର ଜଣେ ଓଜନଦାର ବ୍ୟକ୍ତିତ୍ୱ ଅଟନ୍ତି । ସମ୍ବଲପୁର ସହରର ଅଧିକାଂଶ ପରିବାର ସହିତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ଓ ପ୍ରଭାବ ରହିଛି । ତେବେ ଏହି ନିର୍ବାଚନରେ ତାଙ୍କର ଭୂମିକା କ'ଣ ଭୂମିକା ରହିବ ସେ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି ।



ଏ ସଂଖ୍ୟାରେ..


ତୁଳସୀ ପତ୍ର ଖାଇବାର ଲାଭ


ତେଜପତ୍ରର ଔଷଧୀୟ ଗୁଣ


ଟାଇଫଏଡ୍‌ର ଘରୋଇ ଉପଚାର


ରକ୍ତଚାପ ନିୟନ୍ତ୍ରଣକାରୀ କରମଙ୍ଗା


ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା


ବାଇଗଣର ଉପକାରିତା

# ୨୦୩୪ ସୁଦ୍ଧା ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ନିମନ୍ତେ ବିଜେଡିର ସଙ୍କଳ୍ପ

ଭୁବନେଶ୍ୱର: ୨୦୨୪ ନିର୍ବାଚନ ନିମନ୍ତେ ବିଜେଡି ଦଳର ଇସ୍ତାହାର ଘୋଷଣା କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଇସ୍ତାହାର ଘୋଷଣା କରି କହିଛନ୍ତି ଯେ, ୧୦୦ ୟୁନିଟ୍ ଯାଏ ବିଜୁଳି ବ୍ୟବହାର କରୁଥିବା ପରିବାରକୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ୧୫୦ ୟୁନିଟ୍ ଯାଏ ବିଜୁଳି ବ୍ୟବହାର କରୁଥିବା ପରିବାରକୁ ୧୦୦ ୟୁନିଟ୍ ବିଜୁଳି ଦେୟ ଛାଡ଼ କରାଯିବ। ରାଜ୍ୟର ୭୫% ପରିବାର ୧୦୦ ୟୁନିଟ୍‌ରୁ କମ୍ ବିଜୁଳି ବ୍ୟବହାର କରୁଛନ୍ତି ଓ ୧୦% ପରିବାର ୧୦୦ରୁ ୧୫୦ ୟୁନିଟ ବିଜୁଳି ବ୍ୟବହାର କରୁଛନ୍ତି। ଶକ୍ତି ସୁରକ୍ଷା ସହ ଏହି ୮୫ରୁ ୯୦% ଜନସଂଖ୍ୟାକୁ ଆଚ୍ଛାଦନ ସହ ବିଜେଡି ସରକାର ମାଗଣା ବିଜୁଳି ଦେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହା ରାଜ୍ୟର ଶକ୍ତି ସୁରକ୍ଷାକୁ ବୃଦ୍ଧି କରିବା ସହ ବିଦ୍ୟୁତ୍ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଲୋକଙ୍କ ମତ ଆଧାରରେ ବିଜେଡି ନିଜର ନିର୍ବାଚନୀ ଘୋଷଣାପତ୍ର ପ୍ରସ୍ତୁତ କରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ନିର୍ବାଚନ ଇସ୍ତାହାର ପ୍ରକାଶ ସହ ୨୦୩୪ ସୁଦ୍ଧା ରାଜ୍ୟକୁ ସମୃଦ୍ଧ ଓ ସଶକ୍ତ ଲକ୍ଷ୍ୟରେ ଦଳ କାର୍ଯ୍ୟ କରିବ ବୋଲି ଘୋଷଣା କରିଛନ୍ତି। ନୂଆ ସରକାରର ପ୍ରଥମ କ୍ୟାବିନେଟ୍ ବୈଠକରେ ଏହି ବୈପ୍ଳବିକ ଘୋଷଣାପତ୍ରକୁ ଓଡ଼ିଶା ସରକାରଙ୍କ ନୀତି ଭାବରେ ଗ୍ରହଣ କରାଯିବ। ଏହା ହେବ ମୋଟ ଗ୍ୟାରେଣ୍ଟି। 'ନବୀନ ୫-ଟି ଗ୍ୟାରେଣ୍ଟି ଘୋଷଣାପତ୍ରରେ ପ୍ରତିଟି ପ୍ରତିଶ୍ରୁତି ସମୟୋଚିତ ଭାବେ ପାଳନ କରାଯିବ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଗଢ଼ିବା ସହିତ ଯୁବଶକ୍ତିଙ୍କୁ ସଶକ୍ତ କରି ସେମାନଙ୍କ ଆଶାକୁ ପୂରଣ କରିବା ଓ ସ୍ୱପ୍ନକୁ ସାକାର କରିବା ଦିଗରେ ଏହି ଘୋଷଣାପତ୍ର ହେବ ତା'ର ଗ୍ୟାରେଣ୍ଟି ବୋଲି ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଓଡ଼ିଶାର ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ଆସୁଛି, ବହୁତ କ୍ଷତି ସହିଛି। ଏକ ଗରିବ ପଛୁଆ ରାଜ୍ୟ ଭାବେ ଓଡ଼ିଶାର ପରିଚୟ ଆଜି ଇତିହାସ ହୋଇଛି। ଆଜିର ଓଡ଼ିଶା ଏକ ଆଧୁନିକ ଓଡ଼ିଶା, ବିକାଶମୁଖୀ ଓଡ଼ିଶା। ସଂସ୍କୃତି ଓ ପରମ୍ପରା ସହ ଗଭୀର ଭାବେ ଯୋଡ଼ିହୋଇ ରହିଥିବା ଏକ ସାମଗ୍ରିକ ରାଜ୍ୟ। ଏହି ଘୋଷଣାପତ୍ର ଓଡ଼ିଶାରେ ଏକ ସୁବର୍ଣ୍ଣ ଯୁଗର ଭିତ୍ତି ପକାଇଛି। ୨୦୩୪ ସୁଦ୍ଧା ଓଡ଼ିଶା ହେବ ଦେଶର ଏକ ନମ୍ବର ରାଜ୍ୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ୨୦୩୬ରେ ପାଳନ ହେବ। ତାହାର ଦୁଇ ବର୍ଷ ପୂର୍ବରୁ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରାଯିବ। ୫-ଟି ଉପକ୍ରମରେ ଓଡ଼ିଶା ଲେଖିବ ନୂଆ ଇତିହାସ। ଯୁବ ଶକ୍ତି ହେବେ ଏହାର ସାରଥୀ। ଏହି ଘୋଷଣାପତ୍ର ବିଶେଷକରି ଯୁବଶକ୍ତିଙ୍କ ପାଇଁ ହେବ ଘୋଷଣାପତ୍ର। ଯୁବଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ୍, ଯୁବ ବଜେଟ ଆସିବ। ଏହା ହେବ ଦେଶର ପ୍ରଥମ ଯୁବ ବଜେଟ। ଆଗାମୀ ବର୍ଷରେ ଏଥପାଇଁ ୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ଆମର ଯୁବ ସମୁଦାୟ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା କାର୍ଯ୍ୟକାରୀ କରିବା ପାଇଁ ୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ନୂଆ ଓ' ସ୍କଲାରସିପରେ ଝିଅ ମାନଙ୍କୁ ୧୪ ହଜାର ଏବଂ ପୁଅ ମାନଙ୍କୁ ୧୨ ହଜାର ଟଙ୍କା ଦିଆଯିବ। ୨ ଲକ୍ଷ ସରକାରୀ ଚାକିରୀ ସୃଷ୍ଟି କରାଯିବ। ବୈଜ୍ଞାନିକ ଯୋଜନା ଆଧାରରେ ଚାରିଟି ପ୍ରମୁଖ ସହରରେ ଅର୍ବାନ୍ କ୍ଲଷ୍ଟର ଏବଂ ୨୦ଟି ସହରର ବିକାଶ କରାଯିବ। ଜନସାଧାରଣ ତଥା ଭକ୍ତମାନଙ୍କ ସୁବିଧା ପାଇଁ ବିଶ୍ୱସ୍ତରୀୟ ବ୍ୟବସ୍ଥା ସହିତ ପୁରୀକୁ ଏକ ଅନ୍ତର୍ଜାତୀୟ ସହର ଭାବେ ବିକଶିତ କରାଯିବ।

ବିଏସକେୱାଇ, ବିଏସ୍‌ୱାଇ ନବୀନ କାର୍ଡ ଜରିଆରେ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବାର ପରିସର ବୃଦ୍ଧି କରାଯିବ। ଏଥିରେ ମଧ୍ୟବିତ୍ତ, ସରକାରୀ କର୍ମଚାରୀ, ଠିକା କର୍ମଚାରୀ ଓ ତୃଣମୂଳ ସ୍ତରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମିଲ କରାଯିବ। ଘର ତିଆରି ପାଇଁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ରିହାତିରେ ଯୋଗାଇ ଦିଆଯିବ। ସୁଲଭ ପରିବହନ, ଶିକ୍ଷାବୃତ୍ତି, ୧୦୦ ୟୁନିଟ୍ ମାଗଣା ବିଜୁଳି ଆମ ମନ୍ଦିର ପରିବାରକୁ ସଶକ୍ତ କରିବ। ମା' ମାନେ ହେଉଛନ୍ତି ବିକାଶ ମୂଳ ଭିତ୍ତି। ଆଗାମୀ ୫ ବର୍ଷ ଭିତରେ ସବୁ ଏସ୍‌ଏଚଜିକୁ ଏସ୍‌ଏମ୍‌ଇରେ ପରିଣତ କରାଯିବ। ସବୁ ମା' ମାନେ ହେବେ ଉଦ୍ୟୋଗୀ। ଏଥିପାଇଁ ଆଗାମୀ ୫ ବର୍ଷରେ ଦେଢ଼ ଲକ୍ଷ କୋଟି ଟଙ୍କା ଋଣ ଯୋଗାଇ ଦିଆଯିବ। ଏଥିପାଇଁ ସୁଧ ରିହାତି ବାବଦରେ ରାଜ୍ୟ ସରକାର ୨୫୦୦ କୋଟି ଟଙ୍କା ଦେବେ। ଆଗାମୀ ୧୦ ବର୍ଷରେ ମିଶନ୍ ଶକ୍ତି ମାନଙ୍କୁ ୫୦ ହଜାର କୋଟି ଟଙ୍କାର ସରକାରୀ କାର୍ଯ୍ୟ ଦିଆଯିବ। ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯିବ। ମିଶନ୍ ଶକ୍ତି ମା' ମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କରାଯିବ। ମା' ମାନଙ୍କୁ ବ୍ୟକ୍ତିଗତ ଉଦ୍ୟୋଗୀ କରିବା ପାଇଁ ୧୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ କରାଯିବ। ତୃଣମୂଳ ସ୍ତରରେ କାର୍ଯ୍ୟରତ ସବୁ ମା' ମାନଙ୍କୁ ବିଏସ୍‌ୱାଇ ସହିତ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରାଯିବ। ସମସ୍ତଙ୍କୁ ସାମିଲ କରି ବିକାଶକୁ ଆଗେଇ ନେବା ଆମର ନୀତି। ଆଗାମୀ ୧୦ ବର୍ଷ ଭିତରେ ଏସ୍‌ସି, ଏସ୍‌ଟି ଏବଂ ଓବିସି ଯୁବକ ଯୁବତୀମାନଙ୍କୁ ଉଦ୍ୟୋଗୀ କରିବା ପାଇଁ ୧୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ସୁଧ ରିହାତି ସହିତ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଦ୍ୟୋଗୀ ଋଣ ଯୋଗାଇ ଦିଆଯିବ। ଗ୍ରାମାଞ୍ଚଳର ସବୁ ଯୋଗ୍ୟ ପରିବାରକୁ ଘର ଯୋଗାଇ ଦିଆଯିବ। ଏଥିପାଇଁ ୧୦ ଲକ୍ଷ ଘଇ ନିର୍ମାଣ କରାଯିବ। କୃଷି କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଚାଷୀଙ୍କୁ ମାଗଣାରେ ବିଜୁଳି ମିଳିବ। ବିନା ସୁଧରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ମିଳିବ। ବିରତି ସମୟରେ ସବୁ ମତ୍ସ୍ୟଜୀବୀମାନଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ଦିଆଯିବ। ରାସନ କାର୍ଡ ପାଇ ନ ଥିବା ସବୁ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ମିଳିବ। ୧୦୦୦ କୋଟି ଟଙ୍କାର ଐତିହ୍ୟ ବିକାଶ ପାଣ୍ଠି ଆରମ୍ଭ ହେବ। ଓଡ଼ିଆ ଭାଷାର ବିକାଶ ପାଇଁ ୧୦୦ କୋଟି ଟଙ୍କାର ଓଡ଼ିଆ ଶାସ୍ତ୍ରୀୟ ଭାଷା ପାଣ୍ଠି ଗଠନ ହେବ। ପଶ୍ଚିମ ଓଡ଼ିଶାର ଭାଷା ଗୁଡିକର ବିକାଶ ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ। ଗବେଷଣା ଓ ବିକାଶ ପାଇଁ ୨୫ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଜେପିର ଦିଲ୍ଲୀ ବ୍ରିଗେଡ୍ ବନାମ ଏକାକୀ ନବୀନ

ଭୁବନେଶ୍ୱର : ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି, ରାଜ୍ୟରେ ପ୍ରଚାର ମାହୋଲ ସେତେ ସରଗରମ ହେଉଛି। ଗତ ୩ଟି ବିଧାନସଭା ନିର୍ବାଚନରେ ନିଜର ସମସ୍ତ ଶକ୍ତି ଲଗାଇ ସଫଳ ହୋଇ ନ ଥିବା ବିଜେପି ଚଳିତ ନିର୍ବାଚନରେ ଶେଷ ଚେଷ୍ଟା ଚଳାଇଛି। ୨୦୦୯ ନିର୍ବାଚନରେ ବିଜେପି ମାତ୍ର ୬ଟି ବିଧାନସଭା ଆସନ ଜିଣିଥିବା ବେଳେ ୨୦୧୪ ଏହି ସଂଖ୍ୟା ୧୦କୁ ବୃଦ୍ଧି ପାଇଥିଲା। ସେହିପରି ବ୍ୟୟବହୁଳ ପ୍ରଚାର, ଯୋଜନାବଦ୍ଧ ରଣନୀତି ଓ ସର୍ବୋପରି କେନ୍ଦ୍ରୀୟ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ସତ୍ତ୍ୱେ ୨୦୧୯ ରେ ବିଜେପି ମାତ୍ର ୨୩ ଆସନରେ ସୀମିତ ରହିଥିଲା। ଚଳିତଥର ମଧ ବିଜେପି ସମାନ ରଣନୀତି ପ୍ରସ୍ତୁତ କରିବା ସହ ନିଜର ପ୍ରଚାର କାର୍ଯ୍ୟକ୍ରମକୁ ଜୋରଦାର କରିଛି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାର ମଞ୍ଚ ଧରିଥିବା ବେଳେ '୫-ଟି' ଅଧ୍ୟକ୍ଷ ତଥା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଦଳ ପାଇଁ ତୋଫାନୀ ପ୍ରଚାର ଜାରି ରଖିଛନ୍ତି। ବର୍ତ୍ତମାନ ରାଜ୍ୟରେ ନିର୍ବାଚନୀ ପ୍ରଚାର ନବୀନ ବନାମ ବିଜେପିର ଦିଲ୍ଲୀ ବ୍ରିଗେଡ଼ରେ ପହଞ୍ଚିଛି।

ରାଜ୍ୟରେ ନିର୍ବାଚନ ବିଗୁଲ୍ ବାଜିବା ପୂର୍ବରୁ ଦିଲ୍ଲୀ ବିଜେପିର ଶୀର୍ଷ ନେତାଙ୍କ ଘନଘନ ଓଡ଼ିଶା ଗସ୍ତ ଲାଗିରହିଛି। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ ପି ନଡ୍ଡା, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଭୂପୃଷ୍ଠ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରମୁଖ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିସାରିଲେଣି। ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ପ୍ରମୁଖ ବିଭିନ୍ନ ଜନସଭାକୁ ସମ୍ବୋଧିତ କରିସାରିଛନ୍ତି।

ତେବେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ଘନଘନ ଓଡ଼ିଶା ଗସ୍ତକୁ ନେଇ ରାଜନୈତିକ ମହଲ ଭିନ୍ନ ମତ ରଖୁଛି। ଗତ ୩ଟି ବିଧାନସଭା ନିର୍ବାଚନରେ ଓଡ଼ିଶା ବିଜେପି ସମାନ ରଣନୀତିରେ ନିର୍ବାଚନ ଲଢ଼ି ବଡ଼ ପରାଜୟର ମୁହଁ ଦେଖିଛି। ବିଶେଷକରି ୨୦୧୯ ବିଧାନସଭା ନିର୍ବାଚନରେ ରାଜ୍ୟରେ ବିଜେପି ନିଜର ସମସ୍ତ ଶକ୍ତି ଲଗାଇ ଦେଇଥିବା ବେଳେ ନିଜ ସପକ୍ଷରେ ମାହୋଲ ସୃଷ୍ଟି କରିବାକୁ କଳ, ବଳ ଏବଂ କୌଶଳ ଲଗାଇଦେଇଥିଲା। ସେତେବେଳେ ବିଜେପି ୧୨୦ ପ୍ଲସ ନାରା ଦେଇଥିବା ବେଳେ ନବୀନ ସରକାରଙ୍କୁ ଓପାଡ଼ି ଫୋପାଡ଼ି ଦେବାକୁ ବିଜେପି କର୍ମୀ ଏବଂ ଓଡ଼ିଶାବାସୀଙ୍କୁ ଜାତୀୟ ନେତାମାନେ ଆହ୍ୱାନ ଦେଇଥିଲେ। କିନ୍ତୁ ନିର୍ବାଚନ ଫଳାଫଳ ବିଜୁ ଜନତା ଦଳକୁ ରେକର୍ଡ ବିଜୟ ଦେଇଥିଲା।

### ପ୍ରଫେସର ତୁଷାରକାନ୍ତି ଦାଶ ହେଲେ ପିଜି କାଉନସିଲ ଅଧ୍ୟକ୍ଷ

ବୁର୍ଲା: ପ୍ରଫେସର ଡାକ୍ତର ତୁଷାରକାନ୍ତି ଦାସ ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଫେସର ଦାଶ ବର୍ତ୍ତମାନ ବିଜନେସ ଆଡମିନିଷ୍ଟ୍ରେସନ ବିଭାଗରେ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ତେବେ ସେ ଆସନ୍ତା ଜୁନ ୧ ତାରିଖ ଠାରୁ ୩୧ ମଇ ୨୦୨୬ ଦୁଇଟି ଶିକ୍ଷା ବର୍ଷ ପାଇଁ ପିଜି କାଉନସିଲ ଚେୟାରମେନ ଭାବେ କାର୍ଯ୍ୟ କରିବେ। ବର୍ତ୍ତମାନର ପିଜି କାଉନସିଲ ଚେୟାରମେନ ଥିବା ପ୍ରଫେସର ସଂଯୁକ୍ତା ଦାଶଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ।

# ରେଙ୍ଗାଲିର ବିଜେଡି ପ୍ରାର୍ଥୀ ଶ୍ରମଜୀବୀରୁ ଲୋକ ପ୍ରତିନିଧି

ସମ୍ବଲପୁର : ବିଜୁ ଜନତା ଦଳ ପାଇଁ ଦିନେ ନେତାଙ୍କ ବ୍ୟାନର୍ ପୋଷ୍ଟର ଲଗାଉଥିଲେ। ଦଳ ଯେତେବେଳେ ଯେଉଁ କାମ, ଦାୟିତ୍ୱ ଦେଉଥିଲା ସଫଳତାର ସହ ନିର୍ବାହ କରିଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହେଲେ। ତାଙ୍କର ଦଳ ପ୍ରତି ସମର୍ପଣ, କାର୍ଯ୍ୟଦକ୍ଷତା ଓ ତାଙ୍କ ପ୍ରତି ଲୋକମାନଙ୍କ ଭଲ ପାଇବା ଦେଖି ଆଜି ଦଳ ମାଟିର ମଣିଷ କଳାମାଟିର ପୁଅ ସୁଦର୍ଶନ ହରିପାଲଙ୍କୁ ରେଙ୍ଗାଲି ବିଧାୟକ ପ୍ରାର୍ଥୀ କରିଛି।

ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତ ବାବୁବନ୍ଧ ଗ୍ରାମର ଏକ ଦିନମଜୁରିଆ ପରିବାରରୁ ଆସି ରାଜନୀତିରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ସୁଦର୍ଶନ। ଗରିବୀ କ'ଣ ପ୍ରକୃତରେ ଚିହ୍ନିପାରିଥିବା, ଜାଣିଥିବା ସୁଦର୍ଶନ ଆଜି ଗରିବ, ଅସହାୟଙ୍କ ସାଥୀଭାବେ ଅଞ୍ଚଳରେ ବେଶ୍ ଜଣାଶୁଣା। ଗୋପାଳନ, ଟିଉସନ, ସ୍କୁଲରେ ଅତିଥି ଶିକ୍ଷକ ଭାବେ କିଛି ରୋଜଗାର କରି ନିଜେ ପାଠ ପଢ଼ିବା ସହ ପରିବାରକୁ ମଧ ଆର୍ଥିକ ସହଯୋଗ କରୁଥିଲେ। ଆର୍ଥିକ ଅନଟନ ପରିବାର ବୋଝ ତାଙ୍କ ଉଚ୍ଚଶିକ୍ଷାରେ ବାଧା ଦେଇଥିଲା। ସେ ଯୁକ୍ତ ୩ ଶେଷ ବର୍ଷ ପରୀକ୍ଷା ଦେଇ ପାରି ନ ଥିଲେ। ଅଧାରେ ରହିଗଲା ଶିକ୍ଷା। ହେଲେ ଏସ୍‌ଏଲ୍‌ବି ଫାର୍ମ ୟୁପି ସ୍କୁଲର ପ୍ରଧାନଶିକ୍ଷକ ପ୍ରହଲ୍ଲାଦ କରଙ୍କ ପରାମର୍ଶକ୍ରମେ ସେ କିଛିଦିନ ସେହି ସ୍କୁଲରେ ଅତିଥି ଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି। ପରବର୍ତ୍ତୀ ସମୟରେ ଜଣେ ଠିକାଦାରଙ୍କ ଅଧୀନରେ ହିଣ୍ଡାଲ୍‌କୋରେ କାମ କରିଥିଲେ। ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ ଓ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତି କ୍ଷେତ୍ରରେ କାମ କରିବାକୁ ତାଙ୍କୁ ଆତ୍ମବିଶ୍ୱାସ ଦେଇଛି। ଆର୍ଥିକ ଅନଟନ ଥିବା ପରିବାର ବଡ଼ପୁଅ କିଭଳି ଭାବେ ସଂଘର୍ଷମୟ ଜୀବନ କଠିନ ପରିଶ୍ରମ କରି ଆଜି ଘର, ପରିବାର ତଥା ସମାଜ ପାଇଁ ଏକ ଉଦାହରଣ ସାଜିଛନ୍ତି ସୁଦର୍ଶନ। ଶ୍ରମଜୀବୀରୁ ଆଜି ସେ ଲୋକ ପ୍ରତିନିଧି।

ସେ କହିଛନ୍ତି, ୨୦୧୨ ତ୍ରିସ୍ତରୀୟ ପଞ୍ଚାଯତ ନିର୍ବାଚନ ସମୟରେ ପ୍ରାର୍ଥୀମାନଙ୍କ ପୋଷ୍ଟର ଲଗାଉଥିଲେ। ଏବେ ବିଧାନସଭା ପ୍ରାର୍ଥୀ ଭାବେ ପୋଷ୍ଟରରେ ନିଜ ଚେହେରାକୁ ଦେଖିଲେ ଖୁସି ଲାଗୁଛି। ୨୦୧୯ରେ ଧନକଉଡ଼ା ବ୍ଲକ ଯୁବ ବିଜେଡି ଡିଜିଟାଲ ସମ୍ପାଦକ ଦାୟିତ୍ୱ ପାଇଥିଲେ। ଧନକଉଡ଼ା ବ୍ଲକରେ ଦଳର ଓ ଅନ୍ୟ ଲୋକଙ୍କ ସହ ସମ୍ପର୍କ ବଢ଼ିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଦେଖି ସେ ବିଜେଡିର ନୀତି ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇଥିଲେ। ଲୋକେ ମଧ ତାଙ୍କ ଉପରେ ଭରସା କରିଥିଲେ। ଲୋକଙ୍କର ସେହି ଭରସା ଓ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଜାରି ରହିଛି। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ବିଜେଡି ପକ୍ଷରୁ ଜିଲ୍ଲା ପରିଷଦ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ ଓ ଧନକଉଡ଼ା ବ୍ଲକ ଗୋଶାଳା କଲପଡ଼ାରେ ତାଙ୍କ ପଡ଼ାର ଏକ ନଳକୂଅ ଖରାପ ହୋଇଥିଲା। ଅଭିଯୋଗ କରିବା ପରେ ମଧ ମରାମତି ହୋଇ ନ ଥିଲା। ପିଇବା ପାଣି ସମସ୍ୟାକୁ ନେଇ ତତ୍କାଳୀନ କଂଗ୍ରେସ ନେତା କାହ୍ନୁଚରଣ ମିଶ୍ରଙ୍କୁ ଜଣାଇଥିଲେ। ତାଙ୍କ ହସ୍ତକ୍ଷେପ ପରେ ଶୀଘ୍ର ନଳକୂଅ ମରାମତି ହୋଇଗଲା। ତେଣୁ ରାଜନେତା ହେଲେ ଲୋକଙ୍କ ସମସ୍ୟାର ସମାଧାନ କରିବା ସହଜ ହେଉଥିବା ଜାଣି ସେ ରାଜନୀତିରେ ପାଦ ଦେଲେ। ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହେବା ପରେ ନିଜ ଜୋନର ଅନେକ ସ୍ଥାୟୀ ଓ ଅସ୍ଥାୟୀ ସମସ୍ୟାର ସମାଧାନ କରିଛନ୍ତି। ବିଧାନସଭା ପ୍ରାର୍ଥୀ ହେବାକୁ ସେ ସ୍ୱପ୍ନରେ ଭାବି ନ ଥିଲେ। ପଞ୍ଚାୟତ ନିର୍ବାଚନ ସମୟରେ ଯେଭଳି ଦଳ ଭରସା କରି ଟିକଟ ଦେଇଥିଲା ବିଧାନସଭାରେ ମଧ ବିନା ଲବିରେ ଦଳ ତାଙ୍କ ଉପରେ ଭରସା କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ସେ ଜଣାଇଛନ୍ତି। କେନ୍ଦ୍ର ସରକାରଙ୍କ ଅବହେଳା ଓ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ତଥା ବିକାଶମୂଳକ କାମକୁ ନେଇ ପ୍ରଚାର କରୁଛନ୍ତି। ଜନତାକୁ ଭୋଟ ଭିକ୍ଷା କରୁଛନ୍ତି। ରେଙ୍ଗାଲି ବିଧାନସଭା କ୍ଷେତ୍ରର ଦଳର ସବୁନେତା ଓ କର୍ମୀମାନଙ୍କର ତାଙ୍କ ପ୍ରତି ଅକୁଣ୍ଠ ସମର୍ଥନ ରହିଛି। ସମସ୍ତେ ମିଳିତ ଭାବେ ପ୍ରଚାର ଅଭିଯାନରେ ସାମିଲ ରହିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଭାବେ ଯେମିତି ତାଙ୍କୁ ଲୋକେ ବିଜୟୀ କରାଇଥିଲେ ଠିକ ବିଧାୟକ ଭାବେ ନିର୍ବାଚିତ କରିବାକୁ ଲୋକଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ସେ ବିଜୟୀ ହେବେ ବୋଲି ଆଶା କରିଛନ୍ତି।

# ସମର୍ପଣରୁ ସିଦ୍ଧି ଦିଗରେ

ନିଜର ଆରାଧ୍ୟ ଓ ଗୁରୁଙ୍କ ପ୍ରତି ସାଧକ ମନରେ ଯଦି ପ୍ରକୃତ ଶ୍ରଦ୍ଧା ଓ ଭକ୍ତି ରହେ ତ ସାଧକ, ଶିଷ୍ୟ ନିଃସନ୍ଦେହ ସାଧନାର ଶୀର୍ଷ ପର୍ଯ୍ୟନ୍ତ ପହଞ୍ଚି ଭଗବତ୍ କୃପା ଓ ଗୁରୁକୃପାର ଅଧିକାରୀ ହୋଇପାରିବ । ଶ୍ରଦ୍ଧା ଓ ଭକ୍ତିର ଅଭାବରେ ସାଧକର, ଶିଷ୍ୟର ସାଧନା ସଫଳ ହୋଇପାରେ ନାହିଁ, ପୂର୍ଣ୍ଣ ହୋଇପାରେ ନାହିଁ ।

ଭଗବାନଙ୍କ ଦୃଷ୍ଟିରେ, ଗୁରୁଙ୍କ ଦୃଷ୍ଟିରେ ସମସ୍ତ ସାଧକ, ଶିଷ୍ୟ, ଭକ୍ତ ସମାନ ହୋଇଥାନ୍ତି, କିନ୍ତୁ ନିଜର ସଚ୍ଚା ସାଧନା, ଭକ୍ତି ଓ ନିଷ୍ଛଳ ପ୍ରେମ କାରଣରୁ କୌଣସି ସାଧକ ବା ଶିଷ୍ୟ ନିଜର ଆରାଧ୍ୟ ଓ ଗୁରୁଙ୍କ କୃପାର ବିଶେଷ ପାତ୍ର ହୋଇଥାନ୍ତି । ଅନ୍ୟ ପକ୍ଷରେ ସିଦ୍ଧି ! ସାଧନା ଓ ଶ୍ରଦ୍ଧାର ଅଭାବରେ କୌଣସି ସାଧକ ଓ ଶିଷ୍ୟ ନିଜ ଆରାଧ୍ୟଙ୍କର, ଗୁରୁଙ୍କର କୃପାପାତ୍ର, ପ୍ରିୟପାତ୍ର ହୋଇ ପାରନ୍ତି ନାହିଁ ।

ନିଜର ଦୁର୍ବଳତାଗୁଡ଼ିକୁ ଦୂର କରି ଯେକୌଣସି ସାଧକ, ଯେକୌଣସି ଶିଷ୍ୟ ନିଜ ଆରାଧ୍ୟ ଓ ଗୁରୁଙ୍କର ପ୍ରିୟପାତ୍ର, କୃପାପାତ୍ର ଅବଶ୍ୟ ହୋଇ ପାରିବ, ଏହା ନିଃସନ୍ଦେହ । କିନ୍ତୁ ସମସ୍ୟା ସେତେବେଳେ ଦେଖାଯାଏ, ଯେତେବେଳେ ଆମେ ନିଜର ଦୁର୍ବଳତାଗୁଡ଼ିକୁ ଦୂର କରିବା ପରିବର୍ତ୍ତେ ସାଧନାରେ ସଫଳ ହେଉଥିବା, ନିଜ ଗୁରୁଙ୍କର ପ୍ରିୟପାତ୍ର ହେଉଥିବା ଅନ୍ୟ ସାଧକ, ଶିଷ୍ୟ ଓ ଭକ୍ତମାନଙ୍କୁ ଈର୍ଷା କରିଥାଉ ।

ସେମାନଙ୍କ ଠାରୁ ପ୍ରେରଣା ପାଇବା ପରିବର୍ତ୍ତେ ଆମେ ସେମାନଙ୍କୁ ଈର୍ଷା କରିଥାଉ । ଏହା ଦ୍ୱାରା ଆମର ସାଧନା ବାଧ ହେବା ସଙ୍ଗେ ସଙ୍ଗେ ଆମେ ନିଜର ଆରାଧ୍ୟ, ନିଜର ଗୁରୁ ତଥା ନିଜର ଦୃଷ୍ଟିରେ ବି ତଳକୁ ଖସିଯାଉ । ସେତେବେଳେ ମହାନ୍ ଗୁରୁଙ୍କ ସହିତ ଯୋଡ଼ି ହେବା ସତ୍ତ୍ୱେ ଆମେ ସାଧନାରେ ଆଶାଜନକ ସଫଳତା ପ୍ରାପ୍ତ କରିପାରି ନ ଥାଉ ଏବଂ ଓଲଟା ନିଜର ଆରାଧ୍ୟ, ନିଜର ଗୁରୁଙ୍କ ଉପରେ ହିଁ ପକ୍ଷପାତୀ ହେବାର ଶଙ୍କା, ଆଶଙ୍କା, କୁଶଙ୍କା ଆଦି କରିଥାଉ ଓ ପାପର ଭାଗୀଦାର ହୋଇଥାଉ ।

ଏ ସମ୍ବନ୍ଧରେ ଆମକୁ ଏପରି ଅନେକ ଦୃଷ୍ଟାନ୍ତ ପଢ଼ିବା ଓ ଶୁଣିବାକୁ ମିଳେ । ଏହିପରି ଏକ ଦୃଷ୍ଟାନ୍ତ ହେଉଛି ଆଚାର୍ଯ୍ୟ ଶଙ୍କରଙ୍କ ଶିଷ୍ୟ ସନନ୍ଦନଙ୍କର । ଆଚାର୍ଯ୍ୟ ଶଙ୍କରଙ୍କ ସହିତ ତାଙ୍କର କେତେକ ଶିଷ୍ୟ ରହୁଥିଲେ । ଆଚାର୍ଯ୍ୟ ଶଙ୍କର ସେହି ଶିଷ୍ୟ ଓ ସାଧକମାନଙ୍କୁ ନିରନ୍ତର ଯୋଗ -ସାଧନାର ଉପଦେଶ ଦେଉଥିଲେ ।

ଆଚାର୍ଯ୍ୟ ଶଙ୍କର ନିଜ ଦ୍ୱାରା ରଚିତ ଗ୍ରନ୍ଥ ଓ ଭାଷ୍ୟଗୁଡ଼ିକୁ ନିଜର ଶିଷ୍ୟମାନଙ୍କୁ ପଢ଼ାଉ ଥିଲେ ଏବଂ ସେମାନଙ୍କୁ ସାଧନା କରିବା ପାଇଁ ପ୍ରେରିତ କରୁଥିଲେ, ଯଦ୍ୱାରା ସେମାନେ ଶାସ୍ତ୍ରଗୁଡ଼ିକରେ ବର୍ଣ୍ଣିତ ସାଧନା ଦ୍ୱାରା ଲାଭକୁ ନିଜ ଜୀବନରେ ଅନୁଭବ କରି ପାରିବେ । ଭାଷ୍ୟ ପାଠ, ଶାସ୍ତ୍ର ମୀମାଂସା ଓ ଯୋଗ-ସାଧନାର ଉପଦେଶ ଦ୍ୱାରା ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟମାନଙ୍କ ମନ ଉଚ୍ଚ ଆଧ୍ୟାତ୍ମିକ ଭାବରେ ଲୀନ ରହୁଥିଲା ।

ସେହି ସମସ୍ତ ଶିଷ୍ୟଙ୍କ ମଧ୍ୟରେ ସନନ୍ଦନ ନାମକ ଶିଷ୍ୟ ଅଧିକ ଉଚ୍ଚକୋଟିର ସାଧକ ଥିଲେ । ସେ ସର୍ବଦା ଆଚାର୍ଯ୍ୟ ଶଙ୍କରଙ୍କ ସେବାରେ ତତ୍ପର ରହୁଥିଲେ । ତାଙ୍କର ସଚ୍ଚା ଗୁରୁଭକ୍ତି ଓ ସାଧନା କାରଣରୁ ଶଙ୍କରାଚାର୍ଯ୍ୟ ମଧ୍ୟ ତାଙ୍କୁ ଅଧିକ ଭଲ ପାଉଥିଲେ । ଫଳସ୍ୱରୂପ ଅନ୍ୟ ଶିଷ୍ୟମାନେ ସନନ୍ଦନଙ୍କୁ ଈର୍ଷା କରିବାରେ ଲାଗିଲେ ଏବଂ ଶଙ୍କରାଚାର୍ଯ୍ୟଙ୍କ ଦୃଷ୍ଟିରେ ସନନ୍ଦନଙ୍କୁ ସର୍ବଦା ନଚ ଦେଖାଇବାର ଯୋଜନାରେ ଲାଗି ରହିଲେ ।

ଦିନେ ଶଙ୍କରାଚାର୍ଯ୍ୟ ସ୍ନାନାଦି ନିତ୍ୟକର୍ମରୁ ନିବୃତ୍ତ ହୋଇ ନିଜର ଶିଷ୍ୟମାନଙ୍କୁ ସାଧନା ସମ୍ବନ୍ଧୀୟ ବିଶେଷ ଉପଦେଶ ଦେଉଥିଲେ ଯେପରିକି ସମସ୍ତ ଶିଷ୍ୟଙ୍କୁ ଆଧ୍ୟାତ୍ମିକ କ୍ଷେତ୍ରରେ ପୂର୍ଣ୍ଣତା ପ୍ରାପ୍ତ ହୋଇ ପାରିବ, କିନ୍ତୁ କିଛି ଶିଷ୍ୟ ଆଚାର୍ଯ୍ୟ ଶଙ୍କରଙ୍କ ଉପଦେଶ ଶୁଣିବା ସତ୍ତ୍ୱେ ଈର୍ଷା-ଦ୍ୱେଷ ଛାଡ଼ିପାରି ନ ଥିଲେ । ସନନ୍ଦନଙ୍କ ଉପରେ ଶଙ୍କରାଚାର୍ଯ୍ୟଙ୍କର ବିଶେଷ କୃପା, ଅଧିକ କୃପା ଅଛି ବୋଲି ଚିନ୍ତା କରି ସେମାନେ ସନନ୍ଦନଙ୍କୁ ଈର୍ଷା କରୁଥିଲେ ।

ଅନ୍ତର୍ଯାମୀ ଆଚାର୍ଯ୍ୟ ଶଙ୍କର ନିଜର ଶିଷ୍ୟମାନଙ୍କ ମନରେ ସନନ୍ଦନଙ୍କ ପ୍ରତି ଉତ୍ପନ୍ନ ହୋଇଥିବା ଈର୍ଷାର ଭାବକୁ ଅନୁମାନ କରି ନେଇଥିଲେ । ସେଥିପାଇଁ ସେ ସେମାନଙ୍କ ମନରୁ ଈର୍ଷା ଭାବକୁ ବାହାର କରିଦେବା ପାଇଁ ବିଚାର କଲେ । ଏଣୁ ସେ ଶିଷ୍ୟମାନଙ୍କୁ ପ୍ରତିଦିନ ବ୍ରହ୍ମସୂତ୍ର, ଦ୍ୱାଦଶ ଉପନିଷଦ୍, ଭଗବଦ୍‌ଗୀତା, ବିଷ୍ଣୁ ସହସ୍ରନାମ ଆଦି ଗ୍ରନ୍ଥ ସ୍ୱାଧ୍ୟାୟ କରିବା ଉପରେ ଗୁରୁତ୍ୱ ଦେଲେ ଏବଂ ଭାବିଲେ ଯେ ଧାରଣା, ଧ୍ୟାନ, ଏକାଗ୍ରତା ଓ ସଚ୍ଚା ନିଷ୍ଠା ଦ୍ୱାରା ସାଧକମାନେ କିଛି ବି ପ୍ରାପ୍ତ କରି ପାରିବେ, ଏଥିରେ ତିଳେ ମାତ୍ରେ ସନ୍ଦେହ ନାହିଁ ।

ଦିନେ ସନନ୍ଦନ ସେଠାରେ ନ ଥିଲେ । ସେ କୌଣସି ଆବଶ୍ୟକ କାର୍ଯ୍ୟରେ ଅଳକାନନ୍ଦାର ଅପର ପାର୍ଶ୍ୱକୁ ଯାଇଥିଲେ । ଅଳକାନନ୍ଦା ଉପରେ ପୋଲ ତିଆରି ହୋଇଥିଲା । ପୋଲ ଉପର ଦେଇ ହିଁ ଆର ପାରିକୁ ଯିବାକୁ ହେଉଥିଲା; କାରଣ ଅଳକାନନ୍ଦାରେ ପ୍ରାୟ ହିମଖଣ୍ଡ ଭାସୁଥିଲା, ଯଦ୍ୱାରା ଅଳକାନନ୍ଦାରେ ପହଁରି ପହଁରି ଆର କୂଳକୁ ଯିବା ଅସମ୍ଭବ ପ୍ରାୟ ଜଣା ପଡୁଥିଲା ।

ଶଙ୍କରାଚାର୍ଯ୍ୟଙ୍କ ଶିଷ୍ୟଗଣ ନିଜ ଗୁରୁଙ୍କ ଠାରୁ ସାଧନା ସମ୍ବନ୍ଧୀୟ ଉପଦେଶ ଶୁଣୁଥିଲେ, କିନ୍ତୁ ସେମାନଙ୍କ ମନ ଭିତରେ ଅନ୍ୟ ବିଚାର ଆସୁଥିଲା । ସେମାନେ ଭାବୁଥିଲେ – ସନନ୍ଦନ ଆଜି ଗୁରୁସେବା ଛାଡ଼ି ଅଳକାନନ୍ଦାର ଆର ପାଖକୁ କାହିଁକି ଯାଇଛି, ଏଥିରେ ଅବଶ୍ୟ କୌଣସି ଭେଦ ଥିବ । ଗୁରୁଦେବ ସନନ୍ଦନଙ୍କୁ ଆମ ଠାରୁ ଅଧିକ ଯୋଗ୍ୟ ମାନୁଛନ୍ତି । ସନନ୍ଦନ ଉପରେ ଗୁରୁଦେବଙ୍କର ଯେତିକି କୃପା ଦୃଷ୍ଟି ଅଛି, ସେତିକି ଆମ ଉପରେ ନାହିଁ ।

ଶଙ୍କରାଚାର୍ଯ୍ୟ ଶିଷ୍ୟମାନଙ୍କ ମନରେ ଉଠୁଥିବା ଭାବଗୁଡ଼ିକୁ ଭଲ ଭାବରେ ଜାଣୁଥିଲେ ଏବଂ ବିଚାର କରୁଥିଲେ ଯେ ସନନ୍ଦନ ଏମାନଙ୍କ ଠାରୁ ଶ୍ରେଷ୍ଠ । ଏଇ ନିର୍ବୋଧମାନେ ଏକଥା ନ ଜାଣି ତାକୁ ଈର୍ଷା କରୁଛନ୍ତି ।

ତେଣୁ ଆଚାର୍ଯ୍ୟ ଶଙ୍କର ଶିଷ୍ୟମାନଙ୍କ ମନରୁ ଈର୍ଷାର ଭାବ ନଷ୍ଟ କରିବା ଏବଂ ଏଥି ନିମନ୍ତେ ସନନ୍ଦନଙ୍କ ଶ୍ରେଷ୍ଠତାର ପରୀକ୍ଷା ନେବା କଥା ବିଚାର କଲେ । ଶିଷ୍ୟମାନେ ଧ୍ୟାନ -ସାଧନା ବିଷୟରେ ତାଙ୍କ ଠାରୁ ଉପଦେଶ ପାଇନେବା ପରେ ଶଙ୍କରାଚାର୍ଯ୍ୟ ଅଚାନକ ସନନ୍ଦନଙ୍କୁ ଡାକିଲେ – ‘ସନନ୍ଦନ ! ସନନ୍ଦନ ! ତୁମେ କେଉଁଠି ଅଛ, ଏଠାକୁ ଆସ ।’’

ଏହା ଦେଖି ସେଠାରେ ଉପସ୍ଥିତ ଶିଷ୍ୟ ମାନେ କହିଲେ – ‘ଗୁରୁଦେବ ସନନ୍ଦନ ତ କୌଣସି କାର୍ଯ୍ୟରେ ଅଳକାନନ୍ଦାର ଆର ପାରିକୁ ଯାଇଛି । ସେ ଏଠାରେ ନାହିଁ । କି କାର୍ଯ୍ୟ କରିବା କଥା ଆପଣ ଆମକୁ କହନ୍ତୁ ?’ କିନ୍ତୁ ଶଙ୍କରାଚାର୍ଯ୍ୟ ସେହି ଶିଷ୍ୟମାନଙ୍କ କଥାକୁ ନ ଶୁଣି ପୁଣି ଥରେ ବାହାର ଆଡ଼କୁ ମୁହଁ କରି ସନନ୍ଦନଙ୍କୁ ଡାକିଲେ– ‘ସନନ୍ଦନ ! ସନନ୍ଦନ ! ତୁମେ କେଉଁଠି ଅଛ, ତୁମେ ଆସିଯାଅ । ସନନ୍ଦନ ଶୀଘ୍ର ଆସିଯାଅ ।

ଶିଷ୍ୟମାନେ ପରସ୍ପରର ମୁହଁକୁ ଚାହିଁ କହିଲେ – ‘ଗୁରୁଜିଙ୍କୁ କ’ଣ ହୋଇଗଲା କେଜାଣି । ସନନ୍ଦନ ତ ବହୁତ ଦୂରରେ ଅଛି, ଗୁରୁଜିଙ୍କ ଡାକ ତା’ ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ଏଣେ ପ୍ରକୃତରେ ସନନ୍ଦନଙ୍କ ମଧ୍ୟରେ ସାଧନା ଏବଂ ଗୁରୁକୃପା ଯୋଗୁଁ ଏତେ ସିଦ୍ଧି ଓ ଶକ୍ତି ଆସିଯାଇଥିଲା, ଯେଉଁ କାରଣରୁ ଏତେ ଦୂରରୁ ମଧ୍ୟ ସେ ନିଜର ଗୁରୁ ଶଙ୍କରାଚାର୍ଯ୍ୟଙ୍କର ସ୍ୱର ଶୁଣି ପାରିଲେ । ନିଜର ଗୁରୁ ତାଙ୍କୁ ଡାକୁଥିବାର ଅନ୍ତଃପ୍ରେରଣା ତାଙ୍କ ଭିତରେ ଜନ୍ମ ନେଲା । ଗୁରୁଙ୍କ ସ୍ୱର ତାଙ୍କ କାନରେ ଗୁଞ୍ଜରିତ ହେବାରେ ଲାଗିଲା – ‘ସନନ୍ଦନ ଆସିଯାଅ ! ସନନ୍ଦନ ତୁମେ କେଉଁଠି ଅଛ ?

ସନନ୍ଦନ ଭାବିଲେ- ଗୁରୁଜିଙ୍କର ଅବଶ୍ୟ କୌଣସି ବିଶେଷ କାର୍ଯ୍ୟ ରହିଛି । ସେଥିପାଇଁ ସେ ମୋତେ ଶୀଘ୍ର ଡାକୁଛନ୍ତି, କିନ୍ତୁ ଅଳକାନନ୍ଦାର ପୋଲ ପାର ହୋଇ ଯିବି ତ ଅଧିକ ସମୟ ଲାଗିଯିବ ଏବଂ ଅଳକାନନ୍ଦାରେ ପହଁରି ପହଁରି ଯାଇହେବ ନାହିଁ; କାରଣ ଅଳକାନନ୍ଦାର ଧାରା ବହୁତ ଦ୍ରୁତ ଓ ଅଳକାନନ୍ଦା ଉପରେ ହିମଖଣ୍ଡ ଭାସୁଛି, ଯାହା ଫଳରେ ଶରୀରକୁ ଥଣ୍ଡା ଓ ଆଘାତ ବି ଲାଗିପାରେ, କିନ୍ତୁ ଏଇ ସମୟରେ ଏକଥା ଚିନ୍ତା କରିବା ବୃଥା । ଗୁରୁଜୀ ଯଦି ଶୀଘ୍ର ଡକାଉଛନ୍ତି ତ ମୋତେ ଶୀଘ୍ର ଯିବା ଉଚିତ ।

ଏହା ଚିନ୍ତା କରି ସନନ୍ଦନ ଅଳକାନନ୍ଦାର ହିମଖଣ୍ଡ ପୂର୍ଣ୍ଣ ଗଭୀର ଅଥଳ ଶୀତଳ ଜଳରାଶିକୁ ଡେଇଁ ପଡ଼ିଲେ । ପାଖରେ ଠିଆ ହୋଇଥିବା ଶ୍ରଦ୍ଧାଳୁ, ସାଧକ, ଶିଷ୍ୟମାନେ ଚିତ୍କାର କରି କହିଲେ– ‘ସନନ୍ଦନ ! ନଦୀରେ ହିମଖଣ୍ଡ ଭାସୁଛି, ଅଥଳ ଶୀତଳ ଜଳ ଭରି ରହିଛି, ତାହା ଭିତରକୁ ଯାଅ ନାହିଁ ।’’ କିନ୍ତୁ ସନନ୍ଦନ କାହା କଥା ଶୁଣିଲେ ନାହିଁ । ତାଙ୍କୁ ନିଜ ଗୁରୁଜୀଙ୍କ ସ୍ୱର ହିଁ ନିଜ କାନରେ ଗୁଞ୍ଜରିତ ହେଉଥିବାର ଶୁଣା ଯାଉଥିଲା – ‘ସନନ୍ଦନ ତୁମେ କେଉଁଠି ଅଛ, ତୁମେ ଆସିଯାଅ ।

ସନନ୍ଦନ ନିଜ ପ୍ରାଣକୁ ଖାତିର ନ କରି ଅଳକାନନ୍ଦାର ବିଶାଳ ଜଳରାଶି ମଧ୍ୟକୁ ଡେଇଁ ସାରିଥିଲେ । ସେ ପହଁରି ପହଁରି ଆଗକୁ ବଢ଼ିଲେ । ବରଫ ଖଣ୍ଡ ଓ ଶୀତଳ ଜଳ ତାଙ୍କ ଶରୀରକୁ ଚେତନାଶୂନ୍ୟ କରି ଦେଉଥିଲା, ତଥାପି ସେ ପହଁରି ପହଁରି ଆର କୂଳକୁ ଯିବାର ଚେଷ୍ଟା କରୁଥିଲେ ।

ସଚ୍ଚା ନିଷ୍ଠା ପୂର୍ବକ ସାଧନାରେ ତତ୍ପର ସାଧକଙ୍କୁ ପ୍ରକୃତି ମଧ୍ୟ ନିଜର ଯଥାଯୋଗ୍ୟ ସହଯୋଗ ଦେଇଥାଏ । ପ୍ରକୃତି ମଧ୍ୟ ପରିସ୍ଥିତି ଜନିତ ଅନୁକୂଳତା ପ୍ରଦାନ କରିଥାଏ । ଅଚାନକ ଅଳକାନନ୍ଦାରେ ପଦ୍ମଫୁଲ ଫୁଟିଥିବା ଦେଖାଗଲା । ସନନ୍ଦନ ସେଗୁଡ଼ିକ ଉପରେ ପାଦ ରଖି ନଦୀ ପାର ହୋଇଗଲେ ଏବଂ ଦ୍ରୁତ ବେଗରେ ଧାଇଁ ଧାଇଁ ଆସି ଗୁରୁଙ୍କ ଚରଣରେ ପଡ଼ିଗଲେ । ସନନ୍ଦ ନ ଶଙ୍କରାଚାର୍ଯ୍ୟଙ୍କ ଚରଣ ସ୍ପର୍ଶ କରି କହିଲେ– କି ଆଜ୍ଞା ଅଛି ଗୁରୁଦେବ ! ଦୂର ହେବା କାରଣରୁ ଆସିବାରେ ଟିକେ ବିଳମ୍ବ ହୋଇଗଲା ଗୁରୁଦେବ ! ଏହି ବିଳମ୍ବ ପାଇଁ ମୋତେ କ୍ଷମା କରନ୍ତୁ ।

‘‘ତୁମେ ଠିକ୍ ସମୟରେ ଆସିଗଲ ସନନ୍ଦନ ।’’ ଏହା କହି ଶଙ୍କରାଚାର୍ଯ୍ୟ ଅନ୍ୟ ଶିଷ୍ୟମାନଙ୍କ ଆଡ଼କୁ ଚାହିଁଲେ । ସେମାନେ ସମସ୍ତେ ଲଜ୍ଜାରେ ମୁଣ୍ଡ ନୁଆଁଇ ବସିଥିଲେ । ଶିଷ୍ୟମାନଙ୍କ ଆଡ଼କୁ ଚାହିଁ ଶଙ୍କରାଚାର୍ଯ୍ୟ କହିଲେ- “ଦେଖିଲ ତୁମେମାନେ ! ଏମିତି କାର୍ଯ୍ୟ କରିବାର ସାହସ କ’ଣ ତୁମମାନଙ୍କ ଭିତରେ ଅଛି, ତୁମେମାନେ କ’ଣ ଏମିତି ପ୍ରାଣ ସଂକଟରେ ପଡ଼ିଯିବା ପରି କାର୍ଯ୍ୟ କରି ପାରିବ ?

‘‘ଗୁରୁନିର୍ଦ୍ଦିଷ୍ଟ ସାଧନାରେ ସନନ୍ଦନର ସଚ୍ଚା ନିଷ୍ଠା ହିଁ ତାକୁ ଏହି ସିଦ୍ଧି ଦିଆଇଛି । ଏତେ ଦ୍ରୁତ ବେଗରେ ବହି ଯାଉଥିବା ହିମଖଣ୍ଡ ପୂର୍ଣ୍ଣ ଶୀତଳ ଜଳର ନଦୀ ଅଳକାନନ୍ଦାକୁ ପାର କରି ସନନ୍ଦନ ଏଠାକୁ ଆସିଛି ।’’ ସ୍ନେହପୂର୍ବକ ସନନ୍ଦନଙ୍କ ମୁଣ୍ଡକୁ ଆଉଁସି ଦେଇ ଶଙ୍କରାଚାର୍ଯ୍ୟ କହିଲେ – ଏହାର ସଚ୍ଚା ସାଧନା, ଶ୍ରଦ୍ଧା, ସମର୍ପଣ ଓ ନିଷ୍ଠା କାରଣରୁ ହିଁ ଏହା ଉପରେ ଭଗବତୀଙ୍କର କୃପା ରହିଛି । ଈର୍ଷା କରୁଥିବା ଶିଷ୍ୟମାନେ କହିଲେ– ‘କ୍ଷମା କରନ୍ତୁ ଗୁରୁଦେବ ! ପ୍ରକୃତରେ ଆମେ ସନନ୍ଦନର ସାଧନା,ସମର୍ପଣ, ନିଷ୍ଠା ଓ ଗୁରୁଭକ୍ତିର ଶକ୍ତି ସହିତ ପରିଚିତ ନ ଥିଲୁ । ଏଭଳି ମହାନ୍ ସାଧକ, ମହାନ୍ ଶିଷ୍ୟ ଓ ମହାନ୍ ଗୁରୁଭକ୍ତକୁ ଈର୍ଷା କରିଥିବାରୁ ଆମେ ଦୁଃଖିତ ।

‘‘କେବଳ କ୍ଷମା ମାଗିଦେଲେ କାମ ଚଳିବ ନାହିଁ ସାଧକଗଣ । ଏତେ ସାଧନା-ତପସ୍ୟା ପରେ ବି ଯଦି ଈର୍ଷାର ଅଙ୍କୁର ହୃଦୟରେ ଉତ୍ପନ୍ନ ହୁଏ ତେବେ ତପସ୍ୟା, ସାଧନାର ସମସ୍ତ ପରିଶ୍ରମ ବ୍ୟର୍ଥ ହୋଇଯିବ । ସଚ୍ଚା ସାଧକ ଭୁଲରେ ବି କେବେ ଅନ୍ୟମାନଙ୍କ ପ୍ରତି ଈର୍ଷା – ଦ୍ୱେଷର ଭାବ ରଖେ ନାହିଁ । ଏହାର ଜୀବନ୍ତ ଉଦାହରଣ ହେଉଛି ଶିଷ୍ୟ ସନନ୍ଦନ । ତୁମେ ସବୁ ତା’ର ନିନ୍ଦା କରୁଛ, କିନ୍ତୁ ସେ କେବେହେଲେ କାହାର ନିନ୍ଦା କରି ନାହିଁ ।’’- ଶଙ୍କରାଚାର୍ଯ୍ୟ ମନ୍ଦହାସ କରି କହିଲେ ।

ସନନ୍ଦନଙ୍କ ମୁଣ୍ଡକୁ ପୁଣି ଥରେ ଆଉଁସି ଦେଇ ସେ ନିଜ କଥା ଆଗକୁ ବଢ଼ାଇଲେ ଏବଂ କହିଲେ – “ ଏହାର ବିଶେଷ ଗୁଣ କାରଣରୁ ହିଁ ମୁଁ ଏହାର ନାମ ପଦ୍ମପାଦ ରଖୁଛି ଏବଂ ସମସ୍ତ ଶିଷ୍ୟ ଏଣିକି ତାକୁ ପଦ୍ମପାଦ ନାଁ ଧର ଡାକିବେ ।’

ଶିଷ୍ୟଗଣ ଜାଣିଗଲେ ଯେ ସଚ୍ଚା ସାଧନା ଓ ଗୁରୁଭକ୍ତି ଦ୍ୱାରା ହିଁ ସାଧକକୁ ଗୁରୁକୃପା ପ୍ରାପ୍ତ ହୁଏ ଏବଂ ଗୁରୁକୃପା ଦ୍ୱାରା ସାଧକ ସକାଶେ ଅସମ୍ଭବ କାର୍ଯ୍ୟ ବି ସମ୍ଭବ ହୋଇଯାଏ । ଶଙ୍କରାଚାର୍ଯ୍ୟଙ୍କ ଭଳି ମହାପୁରୁଷଙ୍କ ଶିଷ୍ୟ ହେବା ଆମକୁ ଶୁଭକର୍ମଗୁଡ଼ିକର ପୁଣ୍ୟଫଳ ଯୋଗୁଁ ହିଁ ପ୍ରାପ୍ତ ହୋଇଛି ।

ପଦ୍ମପାଦ ନିଜ ଗୁରୁଙ୍କର ସ୍ତୁତି କରି ତାଙ୍କ ଚରଣ ସ୍ପର୍ଶ କଲେ ଏବଂ ଅନ୍ୟ ଶିଷ୍ୟଗଣ ଶଙ୍କରାଚାର୍ଯ୍ୟଙ୍କ ଚରଣ ସ୍ପର୍ଶ କରି କ୍ଷମା ମାଗିଲେ । ଶଙ୍କରାଚାର୍ଯ୍ୟ ସମସ୍ତଙ୍କ ମୁଣ୍ଡ ଉପରେ ହାତ ରଖି ଆଶୀର୍ବାଦ ଦେଲେ ଓ କହିଲେ – ‘ମନ ଭିତରେ ଯେଉଁ ଈର୍ଷା ଭାବନା ରହିଛି, ସେଗୁଡ଼ିକୁ ସମାପ୍ତ କରିଦିଅ ଏବଂ ପଦ୍ମପାଦ ଭଳି ହେବାର ପ୍ରଯତ୍ନ କର ତାହେଲେ ତୁମର ଏଇ ଦୁର୍ଲଭ ମନୁଷ୍ୟ ଜୀବନ ସାର୍ଥକ ହେବ ।’’

ଗୁରୁଙ୍କ ଉପଦେଶକୁ ଶୁଣି ସମସ୍ତ ଶିଷ୍ୟଙ୍କ ମନରେ ସଚ୍ଚା ସାଧନା କରିବା ଓ ଗୁରୁସେବା କରିବାର ପ୍ରେରଣା ଜାଗି ଉଠିଲା । ଆମମାନଙ୍କ ଭିତରୁ ପ୍ରତ୍ୟେକ ସାଧକ– ଶିଷ୍ୟ ପଦ୍ମପାଦଙ୍କ ଭଳି ସମର୍ପଣ ଓ ନିଷ୍ଠା ଦ୍ୱାରା ସାଧନାରେ ସିଦ୍ଧି ଓ ସଫଳତା ଅବଶ୍ୟ ପ୍ରାପ୍ତ କରି ପାରିବେ ।

## ଆଜିର ଚିନ୍ତନ

ଆଶା ଓ ବିଶ୍ୱାସର ଡେଣା ଏତେ ମଜଭୁତ ଯେ ତାହା ଜୀବନର ଯେକୌଣସି ଅଭାବନୀୟ ପରିସ୍ଥିତିରୁ ବାହାରି ଆସିବାକୁ ତାକତ ରଖେ । ଆଶାର ପ୍ରଦୀପଟିଏ ଉଜ୍ଜୀବିତ ଥିଲେ ଜୀବନରେ ବିଶ୍ୱାସ, ସଫଳତା, ଶାନ୍ତି, ପ୍ରେମ ସବୁକିଛିର ଖଜଣା ଭରପୂର ରହିବ ! ଏକ ଛୋଟ ଉଦାହରଣ ଜୀବନରେ ଆଶାର ଆଲୋକର ମହତ୍ତ୍ୱ ଆହୁରି ସ୍ପଷ୍ଟ କରିବ ! ଡକ୍ଟର କର୍ଟ ପଲ ରିଚର ହାର୍ଭାର୍ଡ ୟୁନିଭର୍ସିଟିରେ ୧୯୫୦ ମସିହାରେ ଆଶା ଓ ବିଶ୍ୱାସ ଉପରେ ଏକ ଅନୁଧ୍ୟାନ କରିବା ବେଳେ ପ୍ରଥମେ ମୂଷାମାନଙ୍କୁ ଏକ ପାଣି ଭର୍ତ୍ତି ବାଲଟିରେ ଛାଡିଦେଇଥିଲେ ! ପନ୍ଦର ମିନିଟ ପରେ ମୂଷାମାନେ ପହଁରି ପହଁରି ବୁଡିଯିବା ପୂର୍ବରୁ ସେମାନଙ୍କୁ ଉଦ୍ଧାର କରା ଯାଇଥିଲା । ପୋଛାପୋଛି କରି ସେମାନଙ୍କୁ କିଛି ସମୟ ଆରାମ କରିବାକୁ ଦିଆଯାଇଥିଲା । ତାପରେ ସେମାନଙ୍କୁ ପୁଣି ସେଇ ପାଣି ଭର୍ତ୍ତି ବାଲ୍ଟିରେ ଛାଡି ଦିଆଯାଇଥିଲା । ଏଇଥର ଜାଣିବାକୁ ଯେ କେତେ ସମୟ ପାଣିରେ ବୁଡିଯିବାର ଭୟ ଠାରୁ ନିଜକୁ ମୁକ୍ତ କରି ମୂଷାମାନେ ବଞ୍ଚି ରହିପାରୁଛନ୍ତି ! ଆଶ୍ଚର୍ଯ୍ୟଜନକ ଭାବେ ମୂଷାମାନେ ଷାଠିଏ ଘଣ୍ଟା ପର୍ଯ୍ୟନ୍ତ ବଞ୍ଚିଥିଲେ ଡକ୍ଟର କର୍ଟ ପଲ ରିଚର ଭାବିଥିଲେ, ଅତି ବେଶୀରେ ଦ୍ୱିତୀୟ ଥର ଅଧଘଣ୍ଟାରେ ମୂଷାମାନେ ପାଣିରେ ବୁଡି ମରି ଯାଇଥାନ୍ତେ । ହେଲେ ସମସ୍ତ କଳ୍ପନାକୁ ମିଛ ପ୍ରମାଣିତ କରିଥିଲା ମୂଷାମାନଙ୍କର ଆଶା ଓ ବିଶ୍ୱାସ, ‘କୌଣସି ଗୋଟେ ସାହାଯ୍ୟକାରି ହାତ ଆସିବ ଓ ଆମମାନଙ୍କୁ ପ୍ରଥମ ଥର ପରି ପାଣିରେ ଅଣନିଶ୍ୱାସୀ ହୋଇ ବୁଡିଯିବା ପୂର୍ବରୁ ବଞ୍ଚାଇବ ।’ ତେଣୁ ସେମାନେ ନିଜ ମୁହଁକୁ ଉପରକୁ ଉଠେଇ ସେ ସାହାଯ୍ୟକାରି ହାତକୁ ଅପେକ୍ଷା କରିରହିଲେ ଷାଠିଏ ଘଣ୍ଟା ଯାଏ । ସେମିତି ଯଦି ଆମର ନିଜ ଉପରେ ଅତୁଟ ବିଶ୍ୱାସ ରହିବ ଆମେ କଣ ନ କରିପାରିବା !

ସ୍ୱୀକାର
ବର୍ଷ ୨୮, ସଂଖ୍ୟା - ୧୯, ୧୨ - ୧୮ ମଇ ୨୦୨୪

# ପରିଚୟ ହଜାଇ ଚାଲିଛୁ ଆମେ

**ଦି**ନଥିଲା ଲୋକେ ସେମାନଙ୍କ ପିତୃପୁରୁଷର ଗାଁ ନାମରେ ନିଜର ପରିଚୟ ପ୍ରଦାନ କରି ଗର୍ବ ଅନୁଭବ କରୁଥିଲେ । କାହାକୁ ଯଦି ପଚାରଯାଉଥିଲା ତୁମ ଘର କୁଆଡେ, ସେ କହୁଥିଲା - ଅମୂକ ଗାଁ । ଅମୂକ ନଈକୂଳରେ ବା ପାହାଡ ପାଦଦେଶରେ ଆମର ପ୍ରସିଦ୍ଧ ଗାଁ । ସେ ଗାଁରେ ଜନ୍ମିଥିବା ବିଶିଷ୍ଟ ଲୋକଙ୍କ ଠିକଣା ସେ ଦେଉଥିଲା । ଆଜିକାଲି ସେସବୁ ନାହିଁ । ପିଲାମାନେ ପିତୃପୁରୁଷଙ୍କ ପରିଚୟ ଜାଣି ନାହାନ୍ତି । ସହରର ଆଧୁନିକ ବିଦ୍ୟାଳୟମାନଙ୍କରେ ପଢୁଥିବା ପିଲାଙ୍କୁ ପରିଚୟ ପଚାରିଲେ ସେମାନେ ବାପାମାଆଙ୍କ ନାମ ବ୍ୟତୀତ କେବଳ ସହରର ଯେଉଁ ଗଳିରେ ସେମାନେ ରହୁଛନ୍ତି ତାହାର ପରିଚୟଟି ଦେଉଛନ୍ତି । ଏମିତିକି ସେ ଗଳି କେଉଁ ୱାର୍ଡରେ ଆସୁଛି ତାହା ମଧ କହିବା ସେମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ସହରର ପ୍ରାଚୀନତା, ଐତିହ୍ୟ ବିଷୟରେ ପିଲାମାନଙ୍କର ବି ଧାରଣା ନାହିଁ । ନହେବା ସ୍ୱାଭାବିକ । କାରଣ ପିଲାମାନଙ୍କୁ ଆମେ ଏତେ ଆତ୍ମମନସ୍କ କରି ଗଢ଼ୁଛୁ ଯେ ବାହାରର ଦୁନିଆ ବିଷୟରେ ସେମାନଙ୍କ ଧାରଣା ହିଁ ରହୁନି । ନିଜର କୋର୍ସ, କମ୍ପିଟେସନ୍ ଓ ସେଲ ଫୋନକୁ ନେଇ ସେମାନେ ବ୍ୟସ୍ତ । ପିଲାଟି ବଡହେଲା ପରେ ଉଚ୍ଚଶିକ୍ଷା ଉଦ୍ଦେଶ୍ୟରେ ଯେତେବେଳେ ଗୋଟିଏ ସହରରୁ ଆଉ ଗୋଟେ ସହରକୁ ଧାଉଁଛି ସେତେବେଳେ ତା'ର ପରିଚୟ ନିତି ବଦଳୁଛି । ଆଜି ବାଙ୍ଗାଲୋରର କେଉଁ ଷ୍ଟ୍ରିଟର ବାସିନ୍ଦା ତ କାଲି ପୁନେର କେଉଁ ରୋଡରେ ତାର ପରିଚୟ ନିଜର ବାପାଅଜାଙ୍କ ଗାଁ ବିଷୟରେ ତା'ର ଧାରଣା ନାହିଁ । କାରଣ ସେ ବିଷୟରେ ସେ ତା'ର ବାପାମାଆଙ୍କଠାରୁ ଶିଖୁନି । ଧୀରେ ଧୀରେ ତାର ନିଜସ୍ୱ ପରିଚୟ ହଜିଯାଉଛି । ଲାଗୁଛି ସେ ଏବେ କେବଳ ଭାରତର ବାସିନ୍ଦା ବା ବିଶ୍ୱର ମଣିଷଟିଏ ।


ଦିନଥିଲା ଗାଁ ଲୋକେ ଗାଁରେ ଜନ୍ମିଥିବା ଲୋକମାନଙ୍କ ଲାଗି ଗର୍ବ କରୁଥିଲେ । ଗାଁ ମନ୍ଦିରରେ, ଛକମୁଣ୍ଡରେ ବୟସ୍କ ଲୋକମାନେ ବସିଥିବା ବେଳେ ଗାଁରେ ଜନ୍ମିତ ସେଇସବୁ ସଫଳ ପିଲାମାନଙ୍କ କଥା ଆଲୋଚନା ହେଉଥିଲା । ଅମୂକ ଘରର ପୁଅ ସେକ୍ରେଟାରୀ ଅଛି, ଅମୁକ ବାବୁଙ୍କ ପୁଅ ବଡ ଇଞ୍ଜିନିୟର ବା ଡାକ୍ତର ଏମିତି କିଛି । ଆଜିକାଲି ସେମିତି ଆଲୋଚନା କମିବାରେ ଲାଗିଛି । କାରଣ ଗାଁରେ ରହୁଥିବା ଲୋକେ ଜାଣି ପାରୁନାହାନ୍ତି ସେମାନଙ୍କ ଗାଁର ଲୋକମାନେ ଯେଉଁମାନେ କି ସହରର ବାସିନ୍ଦା ତାଙ୍କ ପିଲାମାନେ କୁଆଡେ ଅଛନ୍ତି ବା କ'ଣ କରୁଛନ୍ତି । କାରଣ ଦିନେ କାଳେ ବି ଏଇ ପିଲାମାନେ ଗାଁକୁ ଆସିନାହାନ୍ତି କି ଗାଁ ବିଷୟରେ ସେମାନଙ୍କର ଧାରଣା ନାହିଁ । ତେଣୁ ଗାଁ ଲୋକେ ଏମାନଙ୍କୁ ନେଇ ଗର୍ବ କରିବାର କୌଣସି କାରଣ ବି ନାହିଁ ।

ପ୍ରଶ୍ନଉଠୁଛି ଏସବୁ କ'ଣ ପ୍ରଗତିର ଲକ୍ଷଣ ? ବାହାର ଜାଗାକୁ ଯାଇ ଚାକିରୀ କରିବା ବା ବାଣିଜ୍ୟ ବ୍ୟବସାୟ କରିବା ଏ ଜାତିର ଦକ୍ଷତା ଭାବେ ପରିଗଣିତ । ସେଇଥପାଇଁ ଏ ଜାତି ଏକଦା ସମୃଦ୍ଧ ଥିଲା । ମାତ୍ର ସେ ସମୟର ଲୋକମାନେ ବାହାର ରାଜ୍ୟ ବା ସହରକୁ ନିଜର କରୁନଥିଲେ । ଯେଉଁଠି ଥିଲେ ବି ଶେଷରେ ଗାଁକୁ ଫେରୁଥିଲେ । ଯେଉଁଠି ଥିଲେ ବି ଆପଣାର ଗାଁକୁ ପରିଚୟ ଭାବେ ପ୍ରକାଶ କରୁଥିଲେ । ନିଜ ବାପଅଜାର ଚଉଦପୁରୁଷ ଘରଡିହ ଥିଲା ସମସ୍ତଙ୍କର ଶେଷ ଆଶ୍ରୟସ୍ଥଳୀ । ଯିଏ ଯେଉଁଠି ରହୁଥିଲେ ବି ଜନ୍ମମାଟି ଗାଁ, ସହର ବିଷୟରେ ଭାବୁଥିଲେ । ନିଜର ପ୍ରଗତିପରେ ଗାଁ ବା ଜନ୍ମିତ ସହରର ପ୍ରଗତି ସେମାନଙ୍କର ଧେୟ ଥିଲା । ମାତ୍ର ଆଜିକାଲି ବିଶାଳ ଆପାର୍ଟମେଣ୍ଟରେ ରହୁଥିବା ପିଲାମାନେ କ'ଣ ଭାବିବେ ? କାହାର ପ୍ରଗତି କଥା ଚିନ୍ତା କରିବେ ? ଆପାର୍ଟମେଣ୍ଟ ?

ଓଡ଼ିଆରେ ଏକ ଲୋକବାଣୀ ଅଛି - "ହାତୀ ବନସ୍ତରେ ବଢ଼ିଲେ ବି ରଜାଙ୍କର" । ତେବେ ହାତୀର ରକ୍ଷଣାବେକ୍ଷଣ ଦାୟିତ୍ୱ ବି ରଜା ନେବା ଉଚିତ । ଠିକ୍ ସେମିତି ଆମର ପିଲାମାନେ ଯିଏ ବି ଯେଉଁଠି ରୁହନ୍ତୁ, ଯାହା ବି କରନ୍ତୁ ସେମାନଙ୍କୁ ସେମାନଙ୍କ ମାତୃଭୂମି, ଗାଁ ମାଟିର ପରିଚୟ ବିଷୟରେ ଜଣାଇବା ବାପାମାଆମାନଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଆଧୁନିକତାରେ ଭାସିଯାଇ ଆମେ ଆମର ପିଲାମାନଙ୍କୁ ଗାଁ ବିଷୟରେ ନକହିବା, ଗାଁର ପରିଚୟ ନଜଣାଇବା, ଗାଁକୁ ବର୍ଷକୁ ଦୁଇଚାରିଥର ବୁଲାଇ ନ ନେବା ଦ୍ୱାରା ସେମାନେ ସେ ବିଷୟରେ କିଛି ବି ଜାଣି ପାରୁ ନାହାନ୍ତି । ଫଳରେ ଆମେ ସେମାନଙ୍କ ନିକଟରୁ ସେମାନଙ୍କ ପରିଚୟ ଛଡାଇ ନେଉଛୁ । କାରଣ ସହରର ବଦଳୁଥିବା ଠିକଣାରେ କେହି ବି ନିଜର ସ୍ଥାୟୀ ପରିଚୟଟେ ବନାଇ ପାରିବ ନାହିଁ । ପ୍ରଗତି ଓ ବିକାଶ ସହ ଆମର ପିଲାମାନେ ତାଳଦେଇ ଚାଲିବାକୁ କେହି ବିରୋଧ କରୁନି କି ପରିବର୍ତ୍ତନକୁ ସ୍ୱୀକାର କରିବାରେ ବାଧା ନାହିଁ । ମାତ୍ର ପରିବର୍ତ୍ତନ ସହ ପରିଚୟହୀନ ହୋଇଯିବାର ଦୁଃଖ ଆମକୁ ନମିଳୁ ।

# ଭୀରୁ ହୋଇ ରହିବା ଏକ ଆଚ୍ଛାଦନ ନୁହେଁ

**ମହାତ୍ମା ଗାନ୍ଧୀ**



**ବି**ପଦରୁ ଦଉଡ଼ି ପଳାଇଯିବା ଓ ପ୍ରିୟଜନମାନଙ୍କୁ ଅସୁରକ୍ଷିତ ଭାବରେ ଛାଡ଼ି ଯିବା ମୋ'ର ଅହିଂସାରେ ଏଥି ଲାଗି କୌଣସି ସ୍ଥାନ ନାହିଁ । ଗୋଟିଏ ପାଖରେ ହିଂସା ଓ ଆଉ ଗୋଟିଏ ପାଖରେ ଭୀରୁ ପରି ପଳାୟନ ମୁଁ ସେହି କ୍ଷେତ୍ରରେ ଭୀରୁତା ଅପେକ୍ଷା ବରଂ ହିଂସାକୁ ଅଧିକ ପସନ୍ଦ କରିବି । ଜଣେ ଅନ୍ଧ ବ୍ୟକ୍ତିକୁ ସୁନ୍ଦର ଦୃଶ୍ୟଗୁଡ଼ିକୁ ଉପଭୋଗ କରିବା ଲାଗି ପରାମର୍ଶ ଦେବା ଯାହା, ଜଣେ ଭୀରୁ ଆଗରେ ଅହିଂସାର ପ୍ରଚାର କରିବା ମଧ ସେଇଆ । ଅହିଂସା ହେଉଛି ସାହସୀ ହେବାର ଉଚ୍ଚତମ ଶିଖର । ମୋ' ନିଜର ଅଭିଜ୍ଞତା ମଧରେ, ହିଂସାର ମାର୍ଗରେ ପ୍ରଶିକ୍ଷିତ ହୋଇ ରହିଥିବା ବ୍ୟକ୍ତିମାନଙ୍କୁ ଅହିଂସାର ଅଧିକତର ଉପାଦେୟତା ସମ୍ବନ୍ଧରେ ପ୍ରମାଣ ଦେଇ ଦେଖାଇ ଦେବାରେ ମୁଁ କଦାପି କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନାହିଁ । ଜଣେ ଭୀରୁ ହିସାବରେ ବର୍ଷ ବର୍ଷ ଧରି ମୁଁ ତାହା ହିଁ ଥିଲି ମୋ' ଭିତରେ ହିଂସା ହିଁ ପୂରି ରହିଥିଲା । ନିଜର ସେହି ଭୀରୁତାକୁ ବର୍ଜନ କରିବାକୁ ଆରମ୍ଭ କରିବା ପରେ ଯାଇ ମୁଁ ଅହିଂସାର ତାତ୍ପର୍ଯ୍ୟକୁ ବୁଝିଲି । ଯେଉଁ ହିନ୍ଦୁମାନେ ବିପଦ ଆସି ପହଞ୍ଚିବା ମାତ୍ରକେ ଆପଣାର କର୍ତ୍ତବ୍ୟସ୍ଥଳରୁ ଦଉଡ଼ି ପଳାଇଗଲେ, ସେମାନେ ଅହିଂସାର ଆଶ୍ରୟ ନେଇ ଥିବାରୁ ଯେ ସେପରି କଲେ, ସେ କଥା ଆଦୌ ନୁହେଁ, ଅଥବା ପ୍ରତିଆକ୍ରମଣ କରିବାକୁ ଯେ ଭୟ କରୁଥିଲେ ସେ କଥା ମଧ ନୁହେଁ, ମାତ୍ର ସେମାନେ ମରିବାକୁ ପ୍ରସ୍ତୁତ ନ ଥିଲେ ବା ଏପରିକି କୌଣସି ଆଘାତର ସମ୍ମୁଖୀନ ହେବାକୁ ମଧ ରାଜି ନ ଥିଲେ । ପଛରେ ଧାଉଁ ଥିବା କୁକୁର ପାଖରୁ ଦଉଡ଼ି ପଳାଉଥିବା ଗୋଟାଏ ଠେକୁଆକୁ କଦାପି ସ୍ୱତନ୍ତ୍ରଭାବରେ ଅହିଂସ ବୋଲି କୁହାଯିବ ନାହିଁ । ବିଚରା ଠେକୁଆ ତ କୁକୁରଟିକୁ ଦେଖିଲା ମାତ୍ରକେ କମ୍ପିବାକୁ ଆରମ୍ଭ କରେ ଓ ଜୀବନ ନେଇ ସେଠାରୁ ପଳାଇ ଯାଏ ।

ନିଜର ଭୀରୁତାକୁ ଲୁଚାଇ ରଖିବା ପାଇଁ ଅହିଂସା ଏକ ଆଚ୍ଛାଦନ ନୁହେଁ, ଏହା ହେଉଛି ଜଣେ ସାହସୀ ମନୁଷ୍ୟର ସର୍ବଶ୍ରେଷ୍ଠ ଗୁଣ । ତରବାରୀର ପ୍ରୟୋଗ ଅପେକ୍ଷା ଅହିଂସାର ଆଚରଣ ଅନେକ ଅଧିକ ସାହସ ଆବଶ୍ୟକ କରିଥାଏ । ଭୀରୁତା ସହିତ ଅହିଂସାର ଆଦୌ କୌଣସି ସଙ୍ଗତି ହିଁ ନାହିଁ । ତରବାରୀର ପ୍ରୟୋଗକୁ ପରିତ୍ୟାଗ କରି ଅହିଂସାର ମାର୍ଗକୁ ଆସିବା ଅବଶ୍ୟ ସମ୍ଭବ ଏବଂ ଏପରିକି ବେଳେ ବେଳେ ଅତ୍ୟନ୍ତ ସହଜ । ତେଣୁ, ଅସଲ ଅହିଂସାରେ ନିଜେ ଆକ୍ରମଣ କରିବାର ସାମର୍ଥ୍ୟଟି ସର୍ବଦା ବିଦ୍ୟମାନ ରହିଥାଏ । ଅହିଂସାରେ ଅତ୍ୟନ୍ତ ସଚେତନ ଓ ଇଚ୍ଛାକୃତଭାବରେ ପ୍ରତିଶୋଧ ନିମନ୍ତେ ଆପଣା ଭିତରେ ରହିଥିବା ବାସନାଟିକୁ ସଂବରଣ କରି ରଖୁବାକୁ ହୋଇଥାଏ । ମାତ୍ର, ପ୍ରତିଶୋଧ ନେବାକୁ ଯେକୌଣସି ସମୟରେ ମଧ ନିଷ୍କ୍ରିୟ, ମାଇଚିଆ ଓ ଅସହାୟଭାବରେ ଆତ୍ମସମର୍ପଣ କରିବା ଅପେକ୍ଷା ଏକ ଉଚ୍ଚତର ସ୍ତରର କାର୍ଯ୍ୟ ବୋଲି କୁହାଯାଇ ପାରିବ । କ୍ଷମା ଦେବା ହେଉଛି ଏକ ଉଚ୍ଚତର ଇଚ୍ଛାଶକ୍ତିର ପରିଚାୟକ । ପ୍ରତିଶୋଧ ନେବାର ଇଚ୍ଛା ମଧ ଏକ ଦୁର୍ବଳତା, କିଞ୍ଚିତ ହେଉ କିମ୍ବା ସତ ହୋଇଥାଉ, ବିପଦକୁ ଭୟ କରୁଥିବାରୁ ହିଁ ପ୍ରତିଶୋଧ ନେବାର ବାସନା ଜନ୍ମ ନେଇଥାଏ । କେବଳ ଭୟ କରୁଥିବା ବେଳେ ହିଁ କୁକୁର ଭୁକିବାକୁ ଆରମ୍ଭ କରେ ଓ କାମୁଡ଼ି ଦିଏ । ଯେଉଁ ବ୍ୟକ୍ତି ପୃଥିବୀରେ କାହାକୁ ହେଲେ ଭୟ କରେ ନାହିଁ, ସିଏ ତାକୁ ଆଘାତ କରିବା ଲାଗି ବୃଥା ଚେଷ୍ଟା କରୁଥିବା ଆଉ ଜଣେ ବ୍ୟକ୍ତି ପ୍ରତି କୌଣସି କ୍ରୋଧର ବଶବର୍ତ୍ତୀ ହେବାକୁ ମଧ ଆଦୌ ଇଚ୍ଛା କରିବ ନାହିଁ । ସୂର୍ଯ୍ୟ କଦାପି ତାଙ୍କ ଆଡ଼କୁ ଧୂଳି ଛାଟୁଥିବା ସାନ ସାନ ପିଲାଙ୍କ ଉପରେ ପ୍ରତିଶୋଧ ନେବାକୁ ମନ କରେ ନାହିଁ । ଏପରି କରି ପିଲାମାନେ ହିଁ ନିଜକୁ ନିଜେ ଆଘାତ ଦିଅନ୍ତି ।

ଯଥାର୍ଥ ଅହିଂସାର ମାର୍ଗଟି ହିଂସା ଅପେକ୍ଷା ଅନେକ ଅଧିକ ସାହସ ଆବଶ୍ୟକ କରିଥାଏ । ସାହସୀର ଅହିଂସାର ଅନୁଶୀଳନ କରିବାକୁ ଇଚ୍ଛା କରୁଥିବା ଜଣେ ବ୍ୟକ୍ତି ସର୍ବନିମ୍ନ ପ୍ରୟୋଜନରୂପେ ପ୍ରଥମେ ଏହା ହିଁ କରିବ ଯେ, ସେ ନିଜର ଭାବନାରୁ ସକଳ ଭୀରୁତାକୁ ଦୂର କରିଦେବ ଏବଂ ସେହି ଦୂରୀକରଣର ଅନୁରୂପଭାବରେ ଆପଣାର ବଡ଼ ସାନ ସକଳ କାର୍ଯ୍ୟରେ ନିଜର ଆଚରଣକୁ ଶୃଙ୍ଖଳିତ କରି ରଖିବ । ଏହିପରିଭାବରେ ଅହିଂସାର ଜଣେ ଉପାସକ ଆଦୌ କୌଣସି କ୍ରୋଧ ନକରି ତା'ଠାରୁ ଅଧିକ ଉଚ୍ଚ ସ୍ଥାନରେ ଥିବା କାହାରି ଦ୍ୱାରା ଭୟଭୀତ ହୋଇ ପଡ଼ିବ ନାହିଁ । ଅବଶ୍ୟ, ତା'ର ନିଜ ପଦଟି ତାକୁ ଯେତେ ଅଧିକ ବେତନର ଅଧିକାରୀ କରାଉଥିଲେ ମଧ ସେ ତାକୁ ଛାଡ଼ି ଚାଲି ଆସିବା ପାଇଁ ମଧ ପ୍ରସ୍ତୁତ ରହିଥିବ । ଏହିପରିଭାବରେ ଆପଣାର ସବୁକିଛିକୁ ବିସର୍ଜନ କରିବା ସମୟରେ ଯଦି ତାକୁ ନିଯୁକ୍ତ କରି ରଖୁବା ବ୍ୟକ୍ତିର ବିରୋଧରେ ତା'ର କୌଣସି କ୍ରୋଧ ନଥିବ, ତେବେ ତା' ଭିତରେ ସାହସୀର ଅହିଂସା ରହିଛି ବୋଲି କୁହାଯାଇ ପାରିବ ।

ମନେ କରାଯାଉ ଯେ, ଗାଡ଼ିରେ ଯାଉଥିବା ବେଳେ ମୋ'ର ଜଣେ ସହଯାତ୍ରୀ ମୋ' ପୁଅକୁ ଆକ୍ରମଣ କରିବେ ବୋଲି ଭୟ ଦେଖାଇଲେ । ମୁଁ ସେହି ଭାବୀ ଆକ୍ରମଣକାରୀଙ୍କୁ ବୁଝାଇବାକୁ ଚେଷ୍ଟା କଲି ଓ ତା'ଫଳରେ ସେ ମୋତେ ଆକ୍ରମଣ କରିବାକୁ ବାହାରିଲେ । ଯଦି ମୁଁ ସମ୍ମାନ ଏବଂ ଶିଷ୍ଟାଚାର ସହିତ ତାଙ୍କର ମାଡ଼କୁ ସହି ନେବି ଏବଂ ତାଙ୍କ ପ୍ରତି କୌଣସି ଅସଦିଚ୍ଛା ପୋଷଣ ନ କରିବି, ତେବେ ତଦ୍ୱାରା ମୁଁ ସାହସୀର ଅହିଂସା ଦେଖାଇଲି ବୋଲି କୁହାଯିବ । ଏପରି ଉଦାହରଣମାନ ପ୍ରତିଦିନ ଘଟୁଛି ଏବଂ ତାହାର ସଂଖ୍ୟାରେ ସହଜରେ ଆହୁରି ବୃଦ୍ଧି ହୋଇପାରିବ । ମାଡ଼ର ଜବାବରେ ମାଡ଼ ଦେଇ ପାରିବାକୁ ମୋ'ର ସାମର୍ଥ୍ୟ ରହିଥିଲେ ମଧ ଯଦି ମୁଁ ମୋ'ର କ୍ରୋଧକୁ ସମ୍ବରଣ କରି ସେଥିରୁ ନିବୃତ୍ତ ରହି ପାରିଲି, ତେବେ ତଦ୍ୱାରା ମୁଁ ସାହସୀର ଅହିଂସାକୁ ବିକଶିତ କରି ଆଣି ପାରିବି । ତାହା ମୋତେ କଦାପି ଧୋକା ଦେବ ନାହିଁ ଏବଂ ପକ୍କା ଶତ୍ରୁମାନେ ମଧ ତାହାକୁ ଅବଶ୍ୟ ସ୍ୱୀକାର କରିବେ ।

ଭୀରୁତାର ଆଶ୍ରୟ ନେବା ମୋ' ସ୍ୱଭାବର ବିରୋଧୀ । ଦକ୍ଷିଣ ଆଫ୍ରିକା, ଯେଉଁଠାରେ ମାତ୍ର କେତେ ହଜାର ବ୍ୟକ୍ତି ଦୁଃସହ ନାନା ବିପଦ ସମ୍ମୁଖରେ ଠିଆ ହୋଇ ଆଦୌ ଅସଫଳ ହୋଇ ନ ଥିଲେ, ସେଠାରୁ ଫେରିବା ପରେ ଯଥାର୍ଥ ସାହସିକତା ପ୍ରଚାର କରିବାକୁ ମୁଁ ମୋ'ର ବ୍ରତରୂପେ ଗ୍ରହଣ କରି ନେଇଛି । ତାହା ହିଁ ତ ଅହିଂସା ।

ଯଦି ନିଜ ଭିତରେ ଗର୍ବ ଏବଂ ଅହଙ୍କାର ରହିଥାଏ, ତେବେ ଅହିଂସା ଆଦୌ ସମ୍ଭବ ହେବ ନାହିଁ । ବିନୟ ବ୍ୟତୀତ ଅହିଂସା ସମ୍ଭବ ହେବ ନାହିଁ । ମୋ'ର ନିଜର ଏହି ଅନୁଭବ ରହିଛି ଯେ, ଯେତେ ଯେତେ ବେଳେ ମୁଁ ଅହିଂସଭାବରେ କାର୍ଯ୍ୟ କରିଛି, ଏକ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶ ହିଁ ମୋତେ ବାଟ ଦେଖାଇ ନେଇଛି ଓ ସେହି ପଥରେ ଦୃଢ଼ କରି ରଖୁଛି । କେବଳ ନିଜ ଇଚ୍ଛା ଦ୍ୱାରା ପରିଚାଳିତ ହେଉଥିଲେ ମୁଁ ଅତ୍ୟନ୍ତ ଶୋଚନୀୟଭାବରେ ବିଫଳ ହୋଇଥାନ୍ତି । ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଜେଲ୍ ଗଲି, ସେତେବେଳେ ପରିଣାମଗୁଡ଼ିକର କଳ୍ପନା କରି ମୁଁ ଭାରି ଡରି ଯାଇଥୁଲି । ଜେଲ୍ ଜୀବନ ବିଷୟରେ ମୁଁ ଆଗରୁ ନାନା ଭୟଙ୍କର କଥା ମାନ ଶୁଣିଥିଲି । ମାତ୍ର, ଈଶ୍ୱରଙ୍କର ସୁରକ୍ଷା ଉପରେ ମୋ'ର ବିଶ୍ୱାସ ରହିଥିଲା । ଆମ ସମସ୍ତଙ୍କର ଏହି ଅନୁଭବ ହୋଇଥିଲା ଯେ, ଯେଉଁମାନେ ଏକ ପ୍ରାର୍ଥନାପୂର୍ଣ୍ଣ ଭାବ ସହିତ ଜେଲ୍ ଭିତରକୁ ଯାଇଥିଲେ, ସେମାନେ ବିଜୟୀ ପରି ଜେଲ୍‌ରୁ ବାହାରିଲେ, ଯେଉଁମାନେ କେବଳ ନିଜ ବଳ ଉପରେ ଭରାସା ରଖି ଯାଇଥିଲେ, ସେମାନେ ବିଫଳ ହେଲେ । ଭଗବାନ ହିଁ ତୁମକୁ ବଳ ଦେଉଛନ୍ତି ବୋଲି କହୁଥିବା ସମୟରେ ସେହି କ୍ଷେତ୍ରରେ ଆତ୍ମଅନୁକମ୍ପାର ମଧ କୌଣସି ଅବକାଶ ନଥାଏ । ଅନ୍ୟମାନଙ୍କଠାରୁ ସ୍ୱୀକୃତି ପାଇବାର ପ୍ରତ୍ୟାଶା ରଖି କରା ଯାଉଥିବା ଏକ କାର୍ଯ୍ୟରୁ ହିଁ ଆତ୍ମଅନୁକମ୍ପା ଜନ୍ମ ନେଇଥାଏ । ମାତ୍ର, ଏଠାରେ ତ ସ୍ୱୀକୃତିର ଆଦୌ କୌଣସି ପ୍ରଶ୍ନ ହିଁ ନାହିଁ । ଆପଣାକୁ ଏକାବେଳେକେ ଏକ ଶୂନ୍ୟରାଶିରେ ପରିଣତ କରି ଆଣିବାର କଳାଟିକୁ ଶିଖିଯିବା ପରେ ଯାଇ ଦକ୍ଷିଣ ଆଫ୍ରିକାରେ ମୁଁ ସତ୍ୟାଗ୍ରହର ଶକ୍ତିକୁ ବିକଶିତ କରାଇ ଆଣି ପାରିଥିଲି ।

# ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଶିଡି ଚଢ଼ିବା

**ଶି**ଡ଼ି ଚଢ଼ିବା ଦ୍ୱାରା ଆମର ଅନେକ ଉପକାର ହୋଇଥାଏ । ଏହାଦ୍ୱାରା ରକ୍ତ ସଞ୍ଚାଳନ ପ୍ରକ୍ରିୟା ଆହୁରି ସକ୍ରିୟ ହୋଇଥାଏ । ଖାସ୍ କଥା ହେଲା ପ୍ରତିଦିନ ଶିଡ଼ି ଚଢ଼ିଲେ ଆମ ଶରୀରକୁ ପ୍ରଚୁର ପରିମାଣରେ ଅମ୍ଳଜାନ ମିଳେ । ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଶିଡ଼ି ଚଢ଼ିଲେ ତାହା ହୃତପିଣ୍ଡକୁ ସୁସ୍ଥ ରଖିଥାଏ । ଶିଡ଼ି ଚଢ଼ିବା ଫଳରେ ଆମ ଶରୀର ମାଂସପେଶୀ ଉପରେ ସୁପ୍ରଭାବ ପଡେ । କାରଣ ଏହାଦ୍ୱାରା ମାଂସପେଶୀଗୁଡିକ ଆହୁରି ସଚଳ ହୋଇଥାଆନ୍ତି । ଓଜନ କମେଇବାର ଏହା ଏକ ସହଜ ଉପାୟ । ଅଜୀର୍ଣ୍ଣ ସମସ୍ୟାକୁ ଦୂର କରିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ । କିନ୍ତୁ ଗୋଟିଏ କଥା ଯଦି ଆପଣଙ୍କର ଆଣ୍ଠୁଗଣ୍ଠି ସମସ୍ୟା ରହିଛି ତେବେ ଅଧିକାଂଶ ସମୟ ଶିଡ଼ିରେ ଯିବା ଆସିବା କରନ୍ତୁ ନାହିଁ ।



# ସ୍ୱର୍ବେଦ

**ଅଗିନ ତାପ ସବ ନହିଁ ସହେ,**
**ସହ ନ ଖଙ୍ଗ ସବ ୱାର ।**
**ପର ପଥ ପର ସବ ନହିଁ ଚଢ଼େ,**
**ଚଢ଼ ୱିରଲା ଗୁରୁ ପ୍ୟାର ॥୩୨॥**

ଭାଷ୍ୟ -ଯେମିତି ଅଗ୍ନିର ତାପକୁ ସମସ୍ତେ ସହ୍ୟ କରି ପାରନ୍ତି ନାହିଁ କିମ୍ବା ଶସ୍ତ୍ରର ଧାରକୁ ସମସ୍ତେ ସମ୍ଭାଳି ପାରନ୍ତି ନାହିଁ, ସେହି ପ୍ରକାର ପ୍ରକୃତିପାର ବିହଙ୍ଗମ ପଥରେ ସମସ୍ତେ ଅଗ୍ରସର ହୋଇ ପାରନ୍ତି ନାହିଁ । କେହି ଅନନ୍ୟ ଶରଣ ସଦ୍‌ଗୁରୁ ପ୍ରିୟ ଶିଷ୍ୟ ହିଁ ଏହି ବିହଙ୍ଗମ ମାର୍ଗରେ ଅଗ୍ରସର ହୋଇ ଅନୁଭବ ବୋଧ ଶାନ୍ତିକୁ ପ୍ରାପ୍ତ ହୋଇଥାନ୍ତି ।


**ଜିଓ୍ୱନ ମରଣ କୋ ଜୋ ଡରେ,**
**ତାକର ନହିଁ ୟହ କାମ ।**
**ମୃତକ ଚଢ଼େ ଗୁରୁ ଧାର ପର,**
**ୱହ ପାଓ୍ୱେ ସତ୍ୟ ନାମ ॥୩୩॥**

ଭାଷ୍ୟ - ଜୀବନ ମରଣକୁ ଭୟ କରୁଥିବା ବ୍ୟକ୍ତି ଆଧ୍ୟାତ୍ମ ପଥରେ ଅଗ୍ରସର ହୋଇ ପାରନ୍ତି ନାହିଁ । ଜୀବନ ଥାଇ ସୁଦ୍ଧା ମୃତବତ୍ ହୋଇ ସଂସାରର ସମସ୍ତ କାମନା ଏବଂ ବାସନାକୁ ତ୍ୟାଗକରି କେହି ସଦ୍‌ଗୁରୁ ମାର୍ଗକୁ ତୀକ୍ଷ୍ଣଧାରରେ ଚଢ଼ି ସତ୍ୟନାମ ସତ୍ ପୁରୁଷଙ୍କୁ ପ୍ରାପ୍ତ ହୋଇଥାଏ ।

**ଦୁର୍ଲଭ ସଦ୍‌ଗୁରୁ ପନ୍ଥ ହୈ,**
**ଭାଗ୍ୟୱାନ ନର ପାୟ ।**
**ଦେଓ୍ୱ ସଦାଫଲ ହରି କୃପା, ତବ**
**ଅମରାପୁର ଜାୟ ॥୩୪॥**

ଭାଷ୍ୟ - ସଦ୍‌ଗୁରୁଙ୍କର ପଥ ଦୁର୍ଲଭ ଅଟେ । ଭାଗ୍ୟବାନ ଜନ ହିଁ ସଦ୍‌ଗୁରୁଙ୍କର କୃପାରୁ ବ୍ରହ୍ମପୁରୀ ଅମୃତଲୋକକୁ ପ୍ରାପ୍ତ ହୋଇଥାନ୍ତି ।

॥ଇତି ସ୍ୱର୍ବେଦ ତୃତୀୟ ମଣ୍ଡଳ,




ଷଷ୍ଠ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

**ସପ୍ତମ ଅଧ୍ୟାୟ**

**ଆଲସ ନିଦ୍ରା ତ୍ୟାଗ କର, ଜାଗ**
**ଭଜନ ମେଁ ଲାଗ ।**
**ଜୀଓ୍ୱନ ସମୟ ଅମୂଲ୍ୟ ହୈ,**
**ଫିର ଐସା କହଁ ପାଗ ॥୦୧॥**

ଭାଷ୍ୟ - ଆଳସ୍ୟ ପରିତ୍ୟାଗ କରି ନିଦ୍ରାରୁ ଜାଗ୍ରତ ହୋଇ ଭଜନରେ ଲାଗି ଯାଆନ୍ତୁ । ଜୀବନର ଏହି ସମୟ ଅମୂଲ୍ୟ ଅଟେ । ଭଜନ କରିବାର ଏପରି ଉତ୍ତମ ସମୟ ଆଉ ମିଳିବ ନାହିଁ ।

**ଶ୍ୱାଁସା ଏକ ଅମୂଲ୍ୟ ହୈ, ହୀରା**
**ମୂଲ୍ୟ ନ ଆୟ ।**
**ସୋ ଖୋଓ୍ୱୋ ତୁମ ଶୟନ ମେଁ,**
**ଧୋଖେ ଜନ୍ମ ଗଓ୍ୱାୟ ॥୦୨॥**

ଭାଷ୍ୟ - ପ୍ରାଣବାୟୁ ଅମୂଲ୍ୟ ଅଟେ । ହୀରା ରୂପୀ ଶ୍ୱାସର ମୂଲ୍ୟାୟନ କରାଯାଇ ନ ପାରେ । ଏହାକୁ ତୁମେ ଅଯଥା ନଷ୍ଟ କରୁଅଛ । ସଂସାରର ମାୟାରେ ପଡ଼ି ନିଜର ଅମୂଲ୍ୟ ଜୀବନକୁ ନଷ୍ଟ କରୁଛ । ମାୟା ଅନେକ ବିଚାର, ବ୍ୟବହାର ଆଉ ଢଙ୍ଗରେ ଆତ୍ମା ସହିତ ଲାଗି ରହିଛି । ଫଳରେ ଗୋଟିଏ କାମ ନ ସରୁଣୁ ଆଉ ଗୋଟିଏ କାମ ଆସି ଛିଡ଼ା ହୋଇ ଯାଉଛି । ଅତଏବ ସେହି ମାୟାରେ ନ ପଡ଼ି ନିଜର ଅମୂଲ୍ୟ ସମୟ ପ୍ରଭୁଙ୍କର ଭଜନରେ ଲଗାନ୍ତୁ ।

**ଦିନ ମୟ ୱିଷୟ ୱିକାର ମେଁ,**
**ନିଶା ଶୟନ ସୁଖ ପାୟ ।**
**ହାଥ ହିରା ଆୟା ଗୟା, ଦୁର୍ଲଭ**
**ଜନ୍ମ ନଶାୟ ॥୦୩॥**

ଭାଷ୍ୟ - ଦିନରେ ବିଷୟ ଉପଭୋଗରେ ଆଉ ରାତିରେ ଶୟନରେ ଇନ୍ଦ୍ରିୟ ସୁଖର ଭୋଗକରି ହୀରା ତୁଲ୍ୟ ଅମୂଲ୍ୟ ସମୟ ହାତରୁ ଖସିଗଲା ଆଉ ପରମ ଦୁର୍ଲଭ ମନୁଷ୍ୟ ଜନ୍ମ ଏମିତି ବିତିଯାଇ ନଷ୍ଟ ହୋଇଗଲା ।

**ଭଜନ କରୋ ଏକ ତାର ମେଁ,**
**ତାର ଟୂଟ ନହିଁ ଜାୟ ।**
**ନଷ୍ଟ ସମୟ ଜନି କୀଜିଏ, ଫିର**
**ଅଓ୍ୱସର କହଁ ପାୟ ॥୦୪॥**

ଭାଷ୍ୟ - ଏକାଗ୍ର ଚିତ୍ତରେ ନିରନ୍ତର ଭଜନ କରନ୍ତୁ, ଏହାର ତାର ଯେପରି ଛିଣ୍ଡି ନ ଯାଏ । ଏହି ଅମୂଲ୍ୟ ସମୟକୁ ନଷ୍ଟ କରନ୍ତୁ ନାହିଁ । ଏମିତି ସୌଭାଗ୍ୟ ଆଉ କେଉଁଠି ମିଳିବ ?

**ନର ୟହ ଉତ୍ତମ ଦେହ ହୈ, ସିଦ୍ଧ**
**ଧାମ ସବ ଦେୟ ।**
**ନଷ୍ଟ କରେ ତୁମ ଶୟନ ମେଁ,**
**ପାରସ କ୍ୟୋଁ ନହିଁ ଲେୟ ॥୦୫॥**

ଭାଷ୍ୟ - ମନୁଷ୍ୟ ଦେହ ସର୍ବଶ୍ରେଷ୍ଠ ଅଟେ । ଏହି ଶରୀରରେ ସେ ସମସ୍ତ ଫଳର ସିଦ୍ଧି ଲାଭ କରିଥାଏ, ଅର୍ଥାତ୍ ଚତୁର୍ବର୍ଗ ଫଳ ପ୍ରାପ୍ତ ହୋଇଥାଏ । ସେହି ଅମୂଲ୍ୟ, ସର୍ବୋତ୍ତମ ଜୀବନକୁ ତୁମେ ଶୋଇରହି ନଷ୍ଟ କରୁଛ । ସଦ୍‌ଗୁରୁ ଶରଣ ନେଇ ବ୍ରହ୍ମବିଦ୍ୟା ଅମୃତ ତତ୍ତ୍ୱରୂପୀ ମଣିକୁ କାହିଁକି ଗ୍ରହଣ କରୁନାହଁ ।

**ନିଦ୍ରା ତନ୍ଦ୍ରା ୱଶ କରୋ, ନିଦ୍ରା**
**ମୀଚ ନିଶାନ ।**
**ଚେତନ ଚୌକୀ ଜାଗିୟେ,**
**ସୁମିରୋ ପୁରୁଷ ପୁରାନ ॥୦୬॥**

ଭାଷ୍ୟ - ନିଦ୍ରା, ତନ୍ଦ୍ରା ଆଉ ଆଳସ୍ୟକୁ ବଶରେ ରଖନ୍ତୁ । ନିଦ୍ରା ମୃତ୍ୟୁତୁଲ୍ୟ ଅଟେ । ସେଥିପାଇଁ ଜଡ଼ ରୂପୀ ନିଦ୍ରାରୁ ଉଠି ନିଜ ଚେତନ ସ୍ୱରୂପରେ ଆସନ୍ତୁ ଆଉ ଚେତନ ଚଉକିରେ ସ୍ଥିତ ହୋଇ ପୂର୍ଣ୍ଣ ପୁରୁଷଙ୍କର ସ୍ମରଣ କରନ୍ତୁ ।

**ଭୋଜନ ଅଳ୍ପ ପ୍ରମାନ ସେ, ନହିଁ**
**ଅଧିକୀ ନହିଁ ଘାଟ ।**
**ସାତ୍ତ୍ୱିକ ଶୁଦ୍ଧ ସ୍ୱଭାଓ୍ୱ ମେଁ, ଆଲସ**
**ନିଦ୍ରା ପାଟ ॥୦୭॥**

ଭାଷ୍ୟ - ସାଧକ ଅଳ୍ପ ପରିମାଣରେ ଭୋଜନ କରିବା ଉଚିତ ଯାହା ଅଧିକ କିମ୍ବା କମ୍ ନ ହେଉ । ସାତ୍ତ୍ୱିକ ଶୁଦ୍ଧ ସ୍ୱଭାବରେ ଭୋଜନ କରିବା ଦ୍ୱାରା ଆଳସ୍ୟ ଏବଂ ତନ୍ଦ୍ରା ଊଣା ହୋଇଯାଏ ।

**ଅଶନ ସଦା ଜୀଓ୍ୱନ ରହେ, ଅନ୍ନ**
**ଜଲ ନିୟମ ୱିଧାନ ।**
**ୟୋଗ ୟୁକ୍ତି ୱାୟୁ ପିୟୋ, ତମ**
**ଗୁଣ ନାଶକ ଜ୍ଞାନ ॥୦୮॥**

ଭାଷ୍ୟ - ଅନ୍ନ, ଜଳ ତଥା ଭୋଜନ ସର୍ବଦା ନିୟମରେ ପୌଷ୍ଟିକ ଓ ପାଚକ ହେବା ଉଚିତ ଯେଉଁଥିରେ ସ୍ୱାସ୍ଥ୍ୟ ବଳିଷ୍ଠ ଆଉ ସୁସ୍ଥ ରହିବ । ଯୋଗ ବିବେକରେ ବାୟୁ ପାନ କରିବା ଫଳରେ ତମଃ ଗୁଣର ନାଶ ହୋଇଥାଏ ଆଉ ଶରୀରେ ସ୍ଫୁର୍ତ୍ତି ଏବଂ ସୁନ୍ଦରତା ବୃଦ୍ଧି ହୋଇଥାଏ ।

# ଟାଇଫଏଡ୍‌ର ଘରୋଇ ଉପଚାର

ଟାଇଫଏଡ ଏକ ବିପଦଜନକ ଜ୍ୱର । ଏଥିରେ ଜ୍ୱରର ତାପମାନ ବହୁତ ଅଧିକ ଥାଏ ଯାହା ୧୫, ୨୧ ବା ୨୭ ଦିନ ପର୍ଯ୍ୟନ୍ତ ରହିପାରେ । ଏପରି ସ୍ଥିତିରେ କିଛି ବିଶେଷ କଥା ଉପରେ ଧ୍ୟାନ ରଖିଲେ ନା କେବଳ ଏଥିରୁ ରକ୍ଷା ପାଇ ପାରିବେ, ଏହାର ପ୍ରଭାବକୁ ମଧ କମେଇ ପାରିବେ । ଅପରିଷ୍କାର ସ୍ଥାନରେ ଟାଇଫଏଡର ପ୍ରାଦୁର୍ଭାବ ଅଧିକ ଦେଖାଯାଏ ।

ଟାଇଫଏଡର ବ୍ୟାକ୍ଟେରିଆ ଆମର ଛୋଟ ଆନ୍ତରେ ଦେଖିବାକୁ ମିଳିଥାଏ ଓ ଝାଡା ଦ୍ୱାରା ବାହାରକୁ ଆସିଥାନ୍ତି । ମାଛି ଦ୍ୱାରା ଏହାର ସଂକ୍ରମଣ ହୋଇଥାଏ । ମାଛିମାନେ ଖାଦ୍ୟ ଓ ପାଣିକୁ ଦୂଷିତ କରିଦିଅନ୍ତି । ଏହି ଖାଦ୍ୟ ଓ ପାଣି ଯଦି କୌଣସି ସୁସ୍ଥ ବ୍ୟକ୍ତି ଉପଯୋଗ କରେ ତେବେ ସେ ଏହା ଦ୍ୱାରା ଆକ୍ରାନ୍ତ ହୋଇଯାଏ । ଦୂଷିତ ରକ୍ତ ଦେବା, ଟାଇଫଏଡ୍ ରୋଗୀର ତଉଲିଆ ବ୍ୟବହାର କରିବା ଓ ତାର ଛଡ଼ା ଯାଇଥିବା ଖାଦ୍ୟକୁ ଖାଇବା ଦ୍ୱାରା ଟାଇଫଏଡର ସଂକ୍ରମଣ ଅଧିକ



ହେବାର ସମ୍ଭାବନା ଥାଏ । ଟାଇଫଏଡରୁ ରକ୍ଷା ପାଇବା ପାଇଁ କିଛି ଘରୋଇ ଉପାୟ ଅନୁସରଣ କରିପାରିବେ । ତୁଳସୀ ଓ ଗୋଲମରିଚକୁ ଏକ ସମୟରେ ଖାଇଲେ ଉପଶମ ମିଳିଥାଏ । ଏହି ଜ୍ୱର ପାଇଁ ଗାଜର ରସ ମଧ ଉପାଦେୟ । ପ୍ରତ୍ୟେକ ଦିନ ଅଦା ଓ ସେଓର ଜୁସ୍ ପିଇବା ଦ୍ୱାରା ଏହାର ସଂକ୍ରମଣ କମ୍ ହୋଇଥାଏ । ଏକ କପ୍ ଗରମ ପାଣିରେ ୨-୩ ଚାମଚ ମହୁ ମିଶାଇ ପିଅନ୍ତୁ । ମହୁ ଦ୍ୱାରା ଟାଇଫଏଡର ବ୍ୟାକ୍ଟେରିଆ ମରିଥାନ୍ତି । ପୋଦିନା ପତ୍ର ଓ ଅଦାର ଜୁସ୍ ପିଇବା ଦ୍ୱାରା ଜ୍ୱର କମିଥାଏ । ପାଣିରେ ଲବଙ୍ଗକୁ ଫୁଟାଇ ସେହି ପାଣିକୁ ପ୍ରତ୍ୟେକ ଦିନ ପିଅନ୍ତୁ । ଏହା ଦ୍ୱାରା ସଂକ୍ରମଣ କମିଥାଏ । ଗାଈ କ୍ଷୀର ପିଇବା ମଧ ଉପକାରୀ ।

## ଟିକିଏ ହସନ୍ତୁ

ଶିକ୍ଷକ : ଚିଣ୍ଟୁ କହିଲୁ, କୁତବ ମିନାର କେଉଁଠି ?
ଚିଣ୍ଟୁ: ଜାଣିନି ସାର୍ ।
ଶିକ୍ଷକ : ବେଞ୍ଚ ଉପରେ ଛିଡା ହୋଇଯା ।
ଚିଣ୍ଟୁ (ବେଞ୍ଚ ଉପରେ ଛିଡ଼ା ହେବାର କିଛି ସମୟ ପରେ) ସାର୍ କାଇଁ କୋଉଠି କୁତବମିନାର ଦେଖାଯାଉ ନାହିଁ ତ !!

× × × × ×

ଶିକ୍ଷକ : ପପୁ ମୁଁ ପାଠ ପଢ଼ାଉଛି ତୁ ଶୋଇଛୁ କ'ଣ ?
ପପୁ : ନାଁ ସାର୍ ଶୋଇନି ଏଇ ଗୁରୁତ୍ୱାକର୍ଷଣ କାରଣରୁ ମୋ ମୁଣ୍ଡ ତଳ ଆଡକୁ ହେଇଯାଉଛି ।

× × × × ×

ରିଙ୍କୁ ସ୍କୁଲରେ ପହଞ୍ଚିବା ମାତ୍ରେ ଖୁସିରେ ଉଛୁଳି ପଡୁଥିଲା ।
ମିଙ୍କୁ: ତୁ ଏତେ ଖୁସି କ'ଣ ପାଇଁ ଆଜି ?
ରିଙ୍କୁ: ଜାଣିଛୁ ଆଜି ନା ମେଟ୍ରୋରେ ପ୍ରଥମ ଥର େ ମ ।
ସହିତ ଗୋଟେ ଝିଅ କଥା ହେଲା ।
ମିଙ୍କୁ: ବାଃ ବହୁତ ଭଲ କଥା, କ'ଣ କଥା ହେଲୁ ତା' ସହ ?
ରିଙ୍କୁ: ମୁଁ ବସିଥିଲି, ସେ କହିଲା ଉଠ ଏଇଟା ଲେଡିଜ୍ ସିଟ୍ ।



× × × ×

ଚଗୁନ୍: ଆରେ ଗୁଗୁନ୍, ମତେ ଟିକେ ତୋ ସାଇକଲ ଦବୁ ?
ଗୁଗୁନ୍: ନା, ଜମା ନୁହଁ ।
ଚଗୁନ୍: ତୁ ସେମିତି କହିଲେ ମୋ ମନଟା ଖଟା ହୋଇଯିବରେ ସାଙ୍ଗ ।
ଗୁଗୁନ୍: ଅସୁବିଧା କ'ଣ.. ତୁ ଚିନି ଖାଇଦେବୁ ।

× × × × ×

ବବଲୁ: ଆରେ ଟପ୍‌ଲୁ ତୁ ଚୀନା ଭାଷା ପଢ଼ି ପାରିବୁ ?
ଟପ୍‌ଲୁ: ହଁ ଏଇଟା ଗୋଟେ କଥା ।
ବବଲୁ: ତୁ ତାହେଲେ ଜାଣିଛୁ ?
ଟପଲୁ: ହଁ, କୋଉ ବଡ଼ କଥା କି ?
ବବଲୁ: ବାପ୍‌ରେ କି ଜ୍ଞାନ ।
ଟପଲୁ: ମାନିଲୁ ତ ଖାଲି ସେଇଟା ହିନ୍ଦୀ କି ଇଂରାଜୀ ଅକ୍ଷରରେ ଲେଖା ହୋଇଥିଲେ ହେଲା....

× × × × ×

ରାହୁଲ : ଚିକିତ୍ସା ପାଇଁ ଡାକ୍ତରଖାନା ଯାଇଥିଲା ।
ନର୍ସ: ଲମ୍ବା ନିଃଶ୍ୱାସ ନିଅ ।
ରାହୁଲ : ସେ ଲମ୍ବା ନିଃଶ୍ୱାସ ନେଲା ।
ନର୍ସ: ପଚାରିଲା ଏବେ କେମିତି ଲାଗୁଛି ?
ରାହୁଲ : କୋଉ ପର୍ଫ୍ୟୁମ୍ ପକେଇଛ ପୁରା ମଜା ଆସିଗଲା ମଜି ବାସ୍ନା ।

# ତେଜପତ୍ରର ଔଷଧୀୟ ଗୁଣ

ତେଜ ପତ୍ରକୁ ଘରେ ଜଳାଇବାରେ ଏହା ଘରକୁ ଯେଉଁ ବାସ୍ନା ଦେଇଥାଏ ତାହା କୌଣସି ସୁଗନ୍ଧିତ ସେଣ୍ଟରୁ ମିଳି ନ ଥାଏ ।

ତେଜ ପତ୍ର ଜଳାଇ ଏହାକୁ ଶୁଂଘିବାରେ ବ୍ୟକ୍ତିର ସମସ୍ତ ଥକ୍କାପଣ ଦୂର ହେବା ସହିତ ମସ୍ତିଷ୍କ ଶାନ୍ତ ରହିଥାଏ । ଏହା ସହ ଏହି ଧୂଆଁକୁ ଶୁଂଘିଲେ ଶରୀରର ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

ତ୍ୱଚାର ଦାଗ, ଚିହ୍ନକୁ ଦୂର କରିବାକୁ ଚାହୁଁଥିଲେ ତେଜପତ୍ରକୁ ପାଣିରେ ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ ଏହି ପାଣିରେ ମୁହଁ ଧୋଇବା ଫଳରେ ତ୍ୱଚାର ଦାଗ ଦୂର ହେବା ସହିତ ତ୍ୱଚାର ଚମକ ବଢ଼ିଥାଏ ।

ତେଜପତ୍ର ପାଣିରେ କେଶକୁ ଧୋଇଲେ କେଶ ନରମ କୋମଳ ହେବା ସହ ଅସମୟରେ କେଶ



ଝଡିବାର ଭୟ ରହି ନ ଥାଏ ।

ତେଜ ପତ୍ରକୁ ଶୁଖାଇ ଏହାକୁ ପାଉଡର କରି ଦାନ୍ତ ଘଷିବା ଦ୍ୱାରା ଦାନ୍ତ ମୂଳରୁ ରକ୍ତ ବାହାରିବା ଓ ପାଟି ଦୁର୍ଗନ୍ଧ ଦୂର ହୋଇଥାଏ ।

ମଧୁମେହ ରୋଗୀ ତେଜପତ୍ର ନିଶ୍ଚୟ ବ୍ୟବହାର କରିବା ଉଚିତ୍ । ରକ୍ତରେ ଶର୍କରାର ସ୍ତରର ସନ୍ତୁଳନ ରକ୍ଷା କରିବାରେ ତେଜପତ୍ର ସହାୟକ ହୋଇଥାଏ । ପେଟ ରୋଗ ଲାଗି ତେଜପତ୍ର ରାମବାଣ ତୁଲ୍ୟ କାମ କରିଥାଏ । କୋଷ୍ଠକାଠିନ୍ୟ, ଏସିଡିଟି ସମସ୍ୟାକୁ ମଧ ଦୂର କରିଥାଏ ତେଜପତ୍ର । ଏଥିପାଇଁ ଅଧା ଲିଟର ପାଣିରେ ୪-୫ ଟି ତେଜପତ୍ର ପକାଇ ସିଝାନ୍ତୁ । ପାଣି ଏକ ଭାଗ ରହିଲେ ଏହି ପାଣିରେ ମହୁ ମିଶାଇ ପିଅନ୍ତୁ । ଦିନକୁ ଦୁଇଥର ଏହି ପାଣି ପିଇଲେ ବହୁ ପ୍ରକାରର ପେଟ ସମସ୍ୟାରୁ ମୁକ୍ତି ମିଳିବ ।

# ଧନିଆ ପତ୍ରର ଉପାଦେୟତା

ବ୍ରଣ ହେଉଥିଲେ, ଧନିଆ ପତ୍ର ରସ ଓ ମହୁ ସମାନ ପରିମାଣରେ ମିଶାଇ ବ୍ରଣ ଉପରେ ଲଗାଇଲେ ତାହା ଦବିଯାଇଥାଏ ।

ଦୈନିକ ସକାଳେ ମଧୁମେହ ରୋଗୀମାନେ ଅଳ୍ପ ପରିମାଣର ଧନିଆ ପତ୍ର ଚୋବାଇ ଖାଇଲେ କିମ୍ବା ଏହାର ରସ ପିଇଲେ, ସେମାନଙ୍କ ଶର୍କରା ନିୟନ୍ତ୍ରିତ ହୁଏ ।

ହଜମ କରିବାର ଶକ୍ତି ମଧ ଏହି ଧନିଆ ପତ୍ର କାରଣରୁ ବୃଦ୍ଧି ହୋଇଥାଏ ବୋଲି ପରୀକ୍ଷାରୁ ଜଣାପଡିଛି ।

ଆଣ୍ଟିବାଇଓଟିକ୍ ପରି କାମ କରୁଥିବା ଧନିଆ ପତ୍ର କାଶକୁ ମଧ କମ୍ କରିଥାଏ ।



ଧନିଆ ପତ୍ରରେ ଭିଟାମିନ୍ ଏ ଓ ଭିଟାମିନ୍ ସି' ଥିବା କାରଣରୁ ଉତ୍ତମ ଦୃଷ୍ଟିଶକ୍ତିରେ ସହାୟକ ହୁଏ ।

# ତୁଳସୀ ପତ୍ର ଖାଇବାର ଲାଭ



ତୁଳସୀ ଗଛର ଔଷଧୀୟ ଗୁଣ ଅଳ୍ପବହୁତେ ସମସ୍ତଙ୍କୁ ଜଣା । ବିଶେଷଜ୍ଞଙ୍କ ମତରେ ଦୈନିକ ଏହି ପତ୍ରକୁ ଚୋବାଇ ଖାଇଲେ ନାନାରୋଗରୁ ରକ୍ଷା ମିଳେ ।

ପ୍ରତିଦିନ ସକାଳେ ୪-୫ ଟି ତୁଳସୀପତ୍ର ଚୋବାଇ ଖାଇଲେ ଶରୀରରେ କୋଲେଷ୍ଟୋରଲର ପରିମାଣ ନିୟନ୍ତ୍ରଣାଧୀନ ହୋଇଥାଏ ।

୧ ଚାମଚ ତୁଳସୀରସକୁ ମିଶ୍ରି ପାଣିସହ ମିଶାଇ ପିଇବା ଦ୍ୱାରା ସ୍ମୃତି ଶକ୍ତି ବୃଦ୍ଧି ହେଉଥିବାର ଗବେଷକଙ୍କ ମତ । ପାଟି ଦୁର୍ଗନ୍ଧ ଦୂର କରିବା ନିମନ୍ତେ ତୁଳସୀପତ୍ର ଚୋବାଇଲେ ରକ୍ଷା ମିଳେ । ତ୍ୱଚାରେ ତୁଳସୀ ଓ ଚନ୍ଦନର ପେଷ୍ଟକୁ ଲଗାଇଲେ ବ୍ରଣ ଦୂର ହେବା ସହ ଚମକ ଆସିଥାଏ । ସମାନ ପରିମାଣରେ ମହୁ, ତୁଳସୀ ଓ ଅଦାରସ ଖାଇବା ଦ୍ୱାରା ଶ୍ୱାସ ରୋଗୀଙ୍କ ପାଇଁ ଉପକାରୀ ।

# ବାଇଗଣର ଉପକାରିତା

ବାଇଗଣ ଏକ ପୌଷ୍ଟିକ ତଥା ସୁଆଦିଆ ପରିବା । ଏହାକୁ ବିଭିନ୍ନ ଉପାୟରେ ଲୋକେ ଖାଇବାକୁ ଭଲ ପାଇଥାନ୍ତି । ତରକାରୀ ଠାରୁ ଆରମ୍ଭ କରି ଭଜା, ରାଇତା, ଭରତା କରି ଖାଇଥାନ୍ତି । ବାଇଗଣ କେବଳ ଖାଇବାକୁ ଭଲ ଲାଗେ ତାହା ନୁହେଁ, ସ୍ୱାସ୍ଥ୍ୟ ଲାଗି ମଧ ବେଶ ଉପକାରୀ ।

ଓଡ଼ିଶାରେ ଅଧିକ ପରିମାଣରେ ବାଇଗଣ ଚାଷ କରାଯାଇଥାଏ । ଏମିତିକି ଗାଁ ଗହଳିର ପ୍ରତ୍ୟେକ ଲୋକଙ୍କ ବାଡ଼ିରେ ବାଇଗଣ ଗଛ ଦେଖିବାକୁ ମିଳିଥାଏ । ବାଇଗଣ ଏକ ବାରମାସି ଫସଲ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ସବୁ ଋତୁରେ ମିଳିଥାଏ । ବିଭିନ୍ନ ପ୍ରକାର ବାଇଗଣ ରହିଛି । ଏଥିରୁ କଳା ଓ ସବୁଜ ରଙ୍ଗର ବାଇଗଣ ଅଧିକ ଦେଖିବାକୁ ମିଳିଥାଏ ।

ଓଜନ ନିୟନ୍ତ୍ରଣ: ଯଦି ଆପଣଙ୍କ ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି ତେବେ ବାଇଗଣକୁ ଡାଏଟରେ ନିଶ୍ଚୟ ସାମିଲ କରନ୍ତୁ । ଏଥିରେ ଫାଇବର ମାତ୍ରା ଅଧିକ ରହିଥାଏ । ବାଇଗଣକୁ ଖାଇବା ଫଳରେ ଭୋକ କମ ହୋଇଥାଏ, ଖାସ୍ କରି ୧୦୦ ଗ୍ରାମ୍ କଞ୍ଚା ବାଇଗଣରେ କେବଳ ୨୪ କ୍ୟାଲୋରୀ ରହିଥାଏ । ଏଥିରେ ଓଜନ ନିୟନ୍ତ୍ରଣ ହୋଇଥାଏ ।

ଡିପ୍ରେସନ ଦୂର: ଅଧ୍ୟୟନ ମୁତାବକ ସେରୋଟୋନିନ୍ ନାମକ ହରମୋନର ଅଭାବ କାରଣରୁ ଡିପ୍ରେସନ ଓ ଟେନଶନ ଅଧିକ ହୋଇଥାଏ । ସେରୋଟୋନିନ୍ ମନକୁ ଭଲ ରଖିଥାଏ । ଏହା ବ୍ୟତୀତ ବାଇଗଣରେ ସ୍କୋପୋଲେଟିନ୍ ନାମକ ତତ୍ତ୍ୱ ରହିଥାଏ, ଯାହାକି ସେରୋଟୋନିନ୍ ନିୟନ୍ତ୍ରଣରେ ରଖିଥାଏ ଓ ଡିପ୍ରେସନ କମ୍ କରିଥାଏ ।

ହଜମ ପ୍ରକ୍ରିୟା ସ୍ୱଭାବିକ : ବାଇଗଣ ପାଣିରେ ଫାଇଭର ମାତ୍ରା ଅଧିକ ରହିଥାଏ ଯାହାକି ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ ଓ ପେଟ ସହିତ ଜଡିତ ସମସ୍ୟା ଯାହାକି କୋଷ୍ଠକାଠିନ୍ୟ, ଗ୍ୟାସ୍, ପେଟ ଯନ୍ତ୍ରଣା ଆଦିରୁ ମୁକ୍ତି ମିଳିଥାଏ । ବାଇଗଣ ଖାଇବା ଯୋଗୁଁ ଖାଦ୍ୟ ଭଲ ଭାବରେ



ହଜମ ହୋଇଥାଏ ।


ମସ୍ତିଷ୍କ ଲାଗି ଉପକାର: ଆଣ୍ଟିଅକ୍ସିଡାଣ୍ଟ ନେସୁନିନ ତତ୍ତ୍ୱ ଥିବା କାରଣରୁ ବାଇଗଣ ରଙ୍ଗ ବାଇଗଣୀ ହୋଇଥାଏ ଯାହାକି ବ୍ରେନରେ ଲିପିଡକୁ ଡ୍ୟାମେଜ ହେବାରୁ ରକ୍ଷା କରିଥାଏ । ବ୍ରେନ୍ ସେଲ୍ସରେ ଥିବା ଲିପିଡ ପୋଷକତତ୍ତ୍ୱକୁ ଅବଶୋଷିତ କରି ମସ୍ତିଷ୍କ କୋଷିକାକୁ ସଠିକ୍ ଉପାୟରେ କାମ କରିବାର ସଙ୍କେତ ଦେଇଥାଏ ।

ଟାଇପ-୨ ଡାଇବେଟିସ୍ ନିୟନ୍ତ୍ରଣ: ବାଇଗଣରେ ପୁଷ୍ଟିସାର ଅଧିକ ରହିଥାଏ । ହାଇ ଫାଇବର ଓ କମ୍ କାର୍ବୋହାଇଡ୍ରେଟ ତତ୍ତ୍ୱ ରହିଥିବା କାରଣରୁ ଏହା ଡାଇବେଟିସ୍ ରୋଗୀଙ୍କ ଲାଗି ଖୁବ୍ ଉପକାରୀ । ଏକ ଅଧ୍ୟୟନରୁ ପ୍ରମାଣିତ ହୋଇଛି ଯେ, ବାଇଗଣକୁ ନିୟମିତ ଖାଇବା ଯୋଗୁଁ ଟାଇପ୍ -୨ ଡାଇବେଟିସ୍ ନିୟନ୍ତ୍ରିତ ହୋଇଥାଏ ।

ପ୍ରସୂତୀଙ୍କ ଲାଗି ଉପକାରୀ: ପ୍ରସୂତୀ ମହିଳାଙ୍କ ଲାଗି ବାଇଗଣ ଖୁବ୍ ଉପଯୋଗୀ ପରିବା । ଏହା ଶୀଘ୍ର ହଜମ ହେଉଥିବା ହେତୁ ପ୍ରସୂତୀଙ୍କୁ ବାଇଗଣ ପଡିଥିବା ସନ୍ତୁଳିତ ଖାଦ୍ୟ ଦିଆଯାଇଥାଏ ।

ତ୍ୱଚା ଲାଗି ଉପଯୋଗୀ: ବାଇଗଣରେ ବିଭିନ୍ନ ପ୍ରକାରର ପୋଷକ ତତ୍ତ୍ୱ ରହିଛି ଯାହା ତ୍ୱଚାକୁ ସୁନ୍ଦର କରିବାରେ ସହାୟକ ହୋଇଥାଏ । ଏହା ଆଣ୍ଟି ଏଜିଂ ଲାଗି କାମରେ ଆସିଥାଏ । ଏହା ଖାଇବା ଯୋଗୁଁ ରକ୍ତ ସଫା ହୋଇଥାଏ ଓ ତ୍ୱଚାରେ ଏକ ଅଲଗା ପ୍ରକାରର ଚମକ ଆସିଥାଏ ।

## ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା



ଅମୃତଭଣ୍ଡାରେ ଅନେକ ଉପକାରୀ ଗୁଣ ଭରି ରହିଛି । ଏହାକୁ ଖାଦ୍ୟ ତାଳିକାରେ ସାମିଲ କଲେ ତାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ ।

ଭିଟାମିନ୍ 'ଏ'ର ପ୍ରମୁଖ ଉତ୍ସ ହେଲା ଅମୃତଭଣ୍ଡା । ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ ।

ଆପଣ କୋଲେଷ୍ଟରଲ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ । କାରଣ ଏହା ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ ।

ଅମୃତଭଣ୍ଡା ଖାଇଲେ ତାହା ଶରୀର ଭିତରେ ଥିବା ଅତିରିକ୍ତ ଚର୍ବିକୁ ନଷ୍ଟ କରିବାରେ ସହାୟକ ହୋଇଥାଏ ।

ଅମୃତଭଣ୍ଡାରେ 'ପାପାଇନ୍' ନାମକ ଏକ ପୋଷକତତ୍ତ୍ୱ ରହିଛି ଯାହା ହଜମ ଶକ୍ତିକୁ ବୃଦ୍ଧି କରିଥାଏ ।

ଏହାକୁ ନିୟମିତ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ।

## ଆପଣ ଜାଣନ୍ତି କି ?

- ପଚିଶ-ତିରିଶ ନିୟୁତ ବର୍ଷ ତଳେ ଉତ୍ତର- ପୂର୍ବ ଭାରତ, ମିଆନ୍‌ମାର, ବାଂଲାଦେଶରେ ପ୍ରଥମେ ଆମ୍ବ ଗଛର ଉତ୍ପତ୍ତି ଘଟିଥିବା ଜୀବାଶ୍ମ ଅନୁଧ୍ୟାନରୁ ଜଣାପଡେ । ଭାରତରେ ମଣିଷ ଦ୍ୱାରା ଆମ୍ବ ଚାଷ ପାଞ୍ଚ ହଜାର ବର୍ଷ ପୁରୁଣା ।
- ଆମ୍ବର ପ୍ରଥମ ତଥା ସର୍ବ ପ୍ରାଚୀନ ନାଁ ଆମ୍ର । ପୁରାଣ ବୈଦିକ ସାହିତ୍ୟ ଏବଂ ବୃହଦାରଣ୍ୟକ ଉପନିଷଦରେ ଆମ୍ବ ବୃକ୍ଷ ଉଲ୍ଲେଖିତ ।
- ପର୍ତ୍ତୁଗିଜ୍ ମାନେ କେରଳରେ ସ୍ୱାଦିଷ୍ଟ ଆମ୍ବ ଖାଇ 'ମ୍ୟାଙ୍ଗୋ' ନାମକରଣ କରିଥିଲେ ।
- ଗ୍ରୀକ୍ ବୀର ଆଲେକଜାଣ୍ଡର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ବେଳେ ଭାରତରୁ ବିଭିନ୍ନ ପ୍ରଜାତିର ସ୍ୱାଦିଷ୍ଟ ଆମ୍ବ ସାଥିରେ ନେଇଥିଲେ ।
- ଭଗବାନ୍ ବୁଦ୍ଧ ଆମ୍ର ବୃକ୍ଷର ଶୀତଳ ଛାୟାରେ ବସି ତପସ୍ୟା କରୁଥିଲେ । ତାଙ୍କୁ ଅନେକ ଆମ୍ର କୁଞ୍ଜ ପ୍ରଦାନ କରାଯାଇଥିଲା ।
- ଭାରତ, ପାକିସ୍ତାନ ଓ ଫିଲିପାଇନ୍ସର ଜାତୀୟ ଫଳ ଆମ୍ବ । ଏହାକୁ ଫଳରାଜା କୁହାଯାଏ । ଆମ୍ବ ବୃକ୍ଷ ଶହେ ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ ।
- ସାରା ବିଶ୍ୱରେ ଚାରି ଶହରୁ ଅଧିକ ପ୍ରଜାତିର ଆମ୍ବ ମିଳେ । ତିନି ଶହ ବର୍ଷ ପୁରୁଣା ଆମ୍ବ ବୃକ୍ଷ ମଧ ଫଳ ଧାରଣ ପାଇଁ ସକ୍ଷମ । ଆମ୍ବ ଉତ୍ପାଦନରେ ଭାରତ ବିଶ୍ୱରେ ପ୍ରଥମ ।
- ସାବୁନ ତିଆରିରେ ଆମ୍ବ ଟାକୁଆ ବ୍ୟବହୃତ ହୁଏ । ଆମ୍ବ ଗଛର କାଠ, ପତ୍ର, ଜାଳିବା ନିଷେଧ । ଏହାର ବିଷାକ୍ତ ଧୂଆଁ ଆଖି ଓ ଫୁସ୍ ଫୁସ୍ ପାଇଁ କ୍ଷତିକାରକ ।

# କ୍ୟାନସର୍ ବୃଦ୍ଧିର ପ୍ରତିରୋଧ କରିବ ଉପବାସ

କମ୍ ସମୟ ଉପବାସ ରଖିବା ଦ୍ୱାରା ଶରୀରର କ୍ୟାନସର ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇବ ବୋଲି କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଦାବି କରିଛନ୍ତି । ଗବେଷଣାରୁ ଜଣାପଡିଛି ଯେ ଉପବାସ ରହିବା ଦ୍ୱାରା କ୍ୟାନସର ସୃଷ୍ଟିକାରୀ କୋଷଗୁଡିକ କିଛି ପରିମାଣରେ ନିଷ୍କ୍ରିୟ ହୋଇପଡନ୍ତି । ପରେ ଧୀରେ ଧୀରେ ବିଭାଜିତ ହୋଇଥାନ୍ତି । ଏମିତି ହେବାଦ୍ୱାରା କୋଷଗୁଡିକ ନଷ୍ଟ ହୋଇଯାଆନ୍ତି । କିନ୍ତୁ ଉପବାସ ରହିବା ଦ୍ୱାରା ସାଧାରଣ କୋଷଗୁଡିକର କିଛି କ୍ଷତି ହୁଏ ନାହିଁ । ସେମାନେ ପୂର୍ବ ପରି ସକ୍ରିୟ ଓ ସତେଜ ରୁହନ୍ତି ।



କ୍ୟାନସରକୁ ଦୁରଇବା ପାଇଁ ରୋଗୀକୁ କେମୋଥେରାପି ଦିଆଯାଏ । ଗବେଷକଙ୍କ କହିବାନୁସାରେ, ରୋଗୀ ଉପବାସ ଥିବା ସମୟରେ କେମୋଥେରାପି ନେଲେ ଅଧିକ ଲାଭ ହୋଇଥାଏ । ସ୍ତନ କ୍ୟାନସର, ମସ୍ତିଷ୍କ କ୍ୟାନସର, ସ୍ନାୟୁ କ୍ୟାନସର ଚିକିତ୍ସା ପାଇଁ ରୋଗୀ ଉପବାସ ସହିତ କେମୋଥେରାପି ନେଲେ କ୍ୟାନସର ବୃଦ୍ଧି ହେବା ଧିମେଇ ଯାଏ । ଗବେଷଣାରେ ଆହୁରି ମଧ ଜଣାପଡିଛି ଯେ ରୋଗୀ କେମୋଥେରାପି ନେବାର ଦୁଇ ଦିନ ପୂର୍ବରୁ ଓ ନେବାର ପର ଦିନ ଉପବାସ ରହିଲେ ଏହା ବେଶ୍ ଫଳପ୍ରଦ ହୋଇଥାଏ ।

# ରକ୍ତଚାପ ନିୟନ୍ତ୍ରଣକାରୀ କରମଙ୍ଗା

**ଖ**ଟାମିଠା ଯୁକ୍ତ କରମଙ୍ଗାର ଚାହିଦା ବେଶ ଅଧିକ । ଏସୀୟ ଦେଶମାନଙ୍କରେ ଏହି ଫଳକୁ ମୁଖ୍ୟତଃ ଖଟା ବା ଆଚାର କରି ଖାଇବାକୁ ଲୋକେ ପସନ୍ଦ କରନ୍ତି । ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ ସି ରହିଛି । ଗୋଟିଏ ମଧମ ଆକାର କରମଙ୍ଗାରେ ୫୨ ପ୍ରତିଶତ ଭିଟାମିନ୍ ସି ରହିଥାଏ । ଏହା ହୃଦ୍ ସମସ୍ୟା ହ୍ରାସ ସହିତ ଉଚ୍ଚ ରକ୍ତଚାପଯୁକ୍ତ ବ୍ୟକ୍ତିଙ୍କ ପାଇଁ ଲାଭକାରୀ । ଏକ କପ୍ କରମଙ୍ଗାରେ ୧୭୬ ମିଲିଗ୍ରାମ୍ ପୋଟାସିୟମ୍ ଓ ୨.୬ ମିଲିଗ୍ରାମ ସୋଡିୟମ୍ ରହିଛି, ଯାହା ଶିରାପ୍ରଶିରାକୁ ସୁସ୍ଥ ରଖି ଶରୀରରେ ରକ୍ତଚାପକୁ ସନ୍ତୁଳିତ ରଖେ । ଶରୀରରେ ଥିବା ୟୁରିକ୍ ଏସିଡକୁ ସଫା କରିଥାଏ । ଏହା ସହ ଭିଟାମିନ୍ ସି, ଚର୍ମ ସମସ୍ୟା ଦୂର କରି ତ୍ୱଚା ଉଜ୍ୱଳ କରେ । କରମଙ୍ଗାରେ ଫାଇବର୍ ଓ ପ୍ରଚୁର ପାଣି ଅଛି, ତେଣୁ ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କଲେ ଭୋକ କମ୍ ଲାଗିଥାଏ । ଏହା ଦ୍ୱାରା ଶରୀରର ଅତ୍ୟଧିକ ଚର୍ବି କମେ । ଭିଟାମିନ୍ ବି-୫, କପ୍‌ର, ପୋଟାସିୟମ୍, ମ୍ୟାଗ୍ନେସିୟମ ଆଦି ପୋଷକ



ତତ୍ତ୍ୱ ମଧ ରହିଛି, ଯାହା ଶକ୍ତିଦାୟକ ଏବଂ ସମସ୍ତ ରାସାୟନିକ ପ୍ରକ୍ରିୟାକୁ ସନ୍ତୁଳିତ ରଖେ । ଫଳରେ ରାତିରେ ଭଲ ନିଦ ହୁଏ । ଅଷ୍ଟିଓପୋରୋସିସ ରୋଗରୁ ଏହା ମୁକ୍ତି ଦିଏ । ନିୟମିତ କରମଙ୍ଗା ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୁଏ । ପାଦ ବା ଆଣ୍ଠୁ ଫୁଲା ସମସ୍ୟା ମଧ କମେ । ତେବେ କେତେକ କ୍ଷେତ୍ରରେ କରମଙ୍ଗାର କୁ ପ୍ରଭାବ ମଧ ଦେଖିବାକୁ ମିଳେ । ଏହା ଦ୍ୱାରା ଆଲର୍ଜି ସମସ୍ୟା ଦେଖା ଯାଇପାରେ । ବୃକ୍କ ସମସ୍ୟା ଥିଲେ କରମଙ୍ଗାଠୁ ଦୁରେଇ ରହିବା ଭଲ ।

# କହିପାରିବେ କି ?

(୧) ଓ୍ୱିମ୍ବଲଡ଼ନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ୨୦୧୯ର ମେନ୍ସ ଟାଇଟଲ୍ ବିଜେତା କିଏ ?

(୨) ପାଣି ପାଇଁ ଆଇନ ତିଆରି କରିବାରେ ଭାରତର ପ୍ରଥମ ରାଜ୍ୟର ନାଁ କ'ଣ ?

(୩) ସାର୍କ ଫିଲ୍ମ ଫେଷ୍ଟିଭାଲ୍ ୨୦୧୯ ରେ କେଉଁ ଭାରତୀୟ ଫିଲ୍ମକୁ ବେଷ୍ଟ ଫିଚର ଫିଲ୍ମର ପୁରସ୍କାର ମିଳିଥିଲା ?

(୪) ୨୦୧୯ର ଓ୍ୱିମ୍ବଲଡନ୍ ମହିଳା ଟେନିସ୍ ଟୁର୍ଣ୍ଣାମେଣ୍ଟର ବିଜେତା କିଏ ?

(୫) ବିଶ୍ୱ ବ୍ୟାଙ୍କର ପାଣିପାଗ ପରିବର୍ତ୍ତନ ସମ୍ପର୍କିତ କାର୍ଯ୍ୟକ୍ରମ ମାଧମରେ ଭାରତର କେଉଁ ରାଜ୍ୟକୁ ପ୍ରଥମେ ଅର୍ଥ ଅନୁଦାନ ମିଳି ପାରିଥିଲା ?

(୬) କଳା କ୍ଷେତ୍ରରେ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କାହାକୁ ଚୟନ କରାଯାଇ ଆସୁଛି ?

(୭) ସ୍ୱରୂପ ଦତ୍ତ, କିଛି ଦିନ ତଳେ ଯାହାଙ୍କର ଦେହାନ୍ତ ହୋଇଛି ସେ କେଉଁ ଭାଷାର ସିନେମା ସହ ଜଡିତ ?

(୮) ବିଜୟବୀର ସିଦ୍ଧୁ କେଉଁ ଖେଳ ସହ ସମ୍ପୃକ୍ତ ?

(୯) ମହାରାଷ୍ଟ୍ରର କେଉଁ ନଦୀ କୂଳରେ ମାର୍କଣ୍ଡେଶ୍ୱର ମନ୍ଦିର ରହିଛି ?

(୧୦) ନେଲସନ୍ ମଣ୍ଡେଲା ଆନ୍ତର୍ଜାତୀୟ ଦିବସ କେଉଁ ତାରିଖରେ ପାଳନ କରାଯାଏ ?

## JUMBLE WORDS

| | | | |
|---|---|---|---|
| 1) MOABOB | = | 6) FAYTIR | = |
| 2) TELVEV | = | 7) EEVUN | = |
| 3) LAPTN | = | 8) DNEUU | = |
| 4) BIHTA | = | 9) DROHC | = |
| 5) WIOWLL | = | 10) GEEHD | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ମାନା, ୨. ଖାଦ୍ୟ ହଜମ ପାଇଁ, ୩.ପିଙ୍କ୍ ବଟଲ ନୋଜ୍ ଡଲଫିନ୍, ୪. ୬ ଘଣ୍ଟା, ୫.ଖାଦ୍ୟ ଚୋରିକରି ଖାଇବା ପାଇଁ, ୬. ଭୋଗେଲକପ୍ ବାର୍ଡ ଅଫ୍ ପାରାଡାଇଜ୍, ୭.ଟ୍ୟୁଲିଫ୍, ୮.ଏସିଆ, ୯.ବ୍ୟାଙ୍କକକ, ୧୦.ଋଷିଆ ।

***Jumble Words*** ର ଉତ୍ତର :-

(1) DIGIT (2) OUTDO (3) GLANCE (4) FORGOT (5) DAISY (6) TAUNT (7) BARBER (8) PUDDLE (9) SLANT (10) FRUIT

# ମୋଦୀ ଗ୍ୟାରେଣ୍ଟି ଏବଂ ଓଡ଼ିଶା ସଂକଳ୍ପ ପତ୍ର ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀଙ୍କ ପ୍ରେସମିଟ୍

ସମ୍ବଲପୁର : ଓଡ଼ିଶାରେ ବିଜେପି ସରକାର ହେଲେ ସମ୍ବଲପୁର ବସ୍ତ୍ରର ଗୁଣବତ୍ତା ବଢାଇବା ପାଇଁ ପଦକ୍ଷେପ ନିଆଯିବା ସହ ବୁଣାକାରଙ୍କୁ ପ୍ରୋତ୍ସାହିତ କରାଯିବ । କୃଷି ପ୍ରଧାନ ସମ୍ବଲପୁର ସହରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଖାଦ୍ୟ ପ୍ରକ୍ରିୟାକରଣର ଏକ ହବ୍ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଓଡ଼ିଶା ପାଇଁ ମୋଦୀଙ୍କ ଗ୍ୟାରେଣ୍ଟି -୨୦୨୪ ଏବଂ ଓଡ଼ିଆଙ୍କ ପାଇଁ ଦଳ ପକ୍ଷରୁ ଉନ୍ମୋଚିତ ହୋଇଥିବା ଓଡ଼ିଶା ସଂକଳ୍ପ ପତ୍ର ଉପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ବିଜେପିର ସଂକଳ୍ପ ପତ୍ରରେ ସବୁ ବର୍ଗ ବିଶେଷତଃ ଗରିବ, କୃଷକ, ମହିଳା, ଯୁବବର୍ଗଙ୍କ କଲ୍ୟାଣ ସହ ସମ୍ବଲପୁରର ବୁଣାକାର ମାନଙ୍କ ବ୍ୟବସାୟକୁ ପ୍ରୋତ୍ସାହନ ଦେବା ଭଳି ଅନେକ ସଂକଳ୍ପ କରାଯାଇଛି । ଓଡ଼ିଶାରେ ବିଜେପି ସରକାର ହେଲେ ସବୁ ଘୋଷଣାକୁ ପାଳନ କରାଯିବା ସହ ଦୁର୍ନୀତିକୁ ରୋକିବା ପାଇଁ ଜିରୋ ଟେଲେରାନ୍ସ ନୀତି ଅବଲମ୍ବନ କରାଯିବ । ସମ୍ବଲପୁରକୁ ଭାରତର ପ୍ରମୁଖ ସହର ଭାବେ ତିଆରି କରାଯିବ । ସମ୍ବଲପୁରୀ ଟେକ୍ସଟାଇଲକୁ ବିଶ୍ୱରେ ପହଞ୍ଚାଇବାର କାମ ଆରମ୍ଭ ହୋଇଥିବା ବେଳେ ଏହାକୁ ପ୍ରାଥମିକତା ଦିଆଯିବ । ଲୋକଙ୍କୁ ସବୁ ସୁବିଧା ସହ ଶିକ୍ଷା ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳୀ ସହ ସବୁ ପ୍ରକାର ଯୁବ ପ୍ରତିଭାକୁ ପ୍ରାଥମିକତା ଦେଇ ସେମାନଙ୍କୁ ଆଗକୁ ବଢିବା ପାଇଁ ଦକ୍ଷ କରାଯିବ । ସମ୍ବଲପୁର ସମେତ ରାଜ୍ୟରେ ଉଚ୍ଚମାନର ଶିକ୍ଷା ପାଇଁ ସହରାଞ୍ଚଳ ସହ ପ୍ରତି ବ୍ଲକରେ ୨ଟି ଭାବରେ ୮୦୦ ପିଏମଶ୍ରୀ ସ୍କୁଲ ପ୍ରତିଷ୍ଠା ହେବ । କେନ୍ଦୁପତ୍ର ତୋଳାଳି ମାନଙ୍କୁ ୩୫ ପ୍ରତିଶତ, କେନ୍ଦୁପତ୍ର ବାନ୍ଧୁଥିବା ଲୋକଙ୍କୁ ୧୦ ପ୍ରତିଶତ ବୋନସ ଦିଆଯିବ । ସମ୍ବଲପୁର ପାଇଁ ଖୁବ୍ ଶୀଘ୍ର ବିଜେପି ଏକ ସଂକଳ୍ପ ପତ୍ର ଉନ୍ମୋଚନ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ବିଜେପିର ସଂକଳ୍ପ ପତ୍ରରେ କୃଷକ କଲ୍ୟାଣକୁ ଜୋର ଦିଆଯାଇଛି । ଧାନ କିଣା ଓଡ଼ିଶା କୃଷି ଅର୍ଥନୀତିର ମେରୁଦଣ୍ଡ । ବର୍ତ୍ତମାନ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଥିବା ବେଳେ ଓଡ଼ିଶାରେ ମୋଦୀଙ୍କ ସରକାର ହେଲେ ଛତିଶଗଡ ଭଳି ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ହେବ । ଧାନ କିଣିବାର ୪୮ ଘଣ୍ଟା ମଧରେ ବ୍ୟାଙ୍କ ଖାତାରେ ଏହି ଅର୍ଥ ଦିଆଯିବ । କଟନୀଛଟନୀ ନାଁରେ ଚାଷୀଙ୍କୁ ଯେଉଁ ଶୋଷଣ ହେଉଛି, ତାହାକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବ । ଧାନରେ ପ୍ରଥମ ଥର ପାଇଁ ରାଜ୍ୟ ତରଫରୁ ବୋନସ ଦିଆଯିବ । ସବୁ ଚାଷ ଜମି ଜଳସେଚନ ହେବ । ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଭାଉଚର ଦିଆଯିବ । ଦୁଇ ବର୍ଷ ମଧରେ ଏହି ଟଙ୍କାକୁ ମହିଳାମାନେ ଏକକାଳୀନ କିମ୍ବା ଭିନ୍ନ ଭିନ୍ନ ସମୟରେ ଟଙ୍କା ଖର୍ଚ୍ଚ କରିପାରିବେ । ସବୁ ଗରିବଙ୍କୁ ପଟ୍ଟା ସହ ପକ୍କା ଘର ଦିଆଯିବ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆଉ ୧୫ ଲକ୍ଷ ଘର ଦିଆଯିବ । ରାଜ୍ୟର ଘରେ ଘରେ ନଳ ଯୋଗେ ପାନୀୟ ଜଳ ପହଞ୍ଚାଯିବ । ଶୌଚାଳୟ ଓ ଉଜ୍ୱଳା ଗ୍ୟାସ ସହ ସବୁ ପ୍ରକାର ସୁବିଧା ଦିଆଯିବ । ଓଡ଼ିଶାରେ ବକେୟା ଥିବା ୧.୫ ଲକ୍ଷ ସରକାରୀ ନିଯୁକ୍ତି ପୂରଣ ସହିତ ୩.୫ ଲକ୍ଷ ନୂଆ ନିଯୁକ୍ତି ଦିଆଯିବ । ଦାଦନ ଯନ୍ତ୍ରଣାରୁ ମୁକ୍ତି ଦିଆଯିବ । ପିଏମ ସୂର୍ଯ୍ୟଘର ଯୋଜନାରେ ସୌର ବିଦ୍ୟୁତ ସୁବିଧା ପ୍ରଦାନ କରାଯିବ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରାଯିବ । ୭୫ ହଜାର କିମି ନୂଆ ସଡକପଥ ନିର୍ମାଣ ହେବ । ଅସାଂଗଠନିକ କ୍ଷେତ୍ରରେ ଶ୍ରମିକ ମାନଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମା ସହ ଇ-ଶ୍ରମ ପୋର୍ଟାଲରେ ଯୋଡାଯିବ । ଦିବ୍ୟାଙ୍ଗ, ନିରାଶ୍ରୟ ଓ ବାର୍ଦ୍ଧକ୍ୟ ଭତ୍ତାକୁ ତିନି ହଜାର ଟଙ୍କା କରାଯିବ । ଶତକଡା ୮୦ ଭାଗ ଥିବା ଦିବ୍ୟାଙ୍ଗଙ୍କୁ ୩୫୦୦ ଟଙ୍କା ଭତ୍ତା ଦିଆଯିବ । ବିଜେପି ସରକାର ହେବାର ପ୍ରଥମ ମାସରେ ଆୟୁଷ୍ମାନ ଭାରତ ଯୋଜନା ଓଡ଼ିଶାରେ ଲାଗୁ ହେବ । ଏହା ବିଜେପିର କେବଳ ଦସ୍ତାବିଜ ନୁହେଁ, ମୋଦୀଙ୍କ ଗ୍ୟାରେଣ୍ଟି ଓ ଆଶ୍ୱାସନାର ପତ୍ର ଅଟେ ।

ଶାସକ ଦଳର ଲୋକମାନେ ତାଙ୍କର ସମର୍ଥକ ମାନଙ୍କୁ ସରକାରୀ ପଇସାରେ ବିଦେଶ ବୁଲାଇବାର ଯୋଜନା କଲେ । କିନ୍ତୁ ଏହା ଉପରେ ବିଜେପି ଅଭିଯୋଗ କରିବା ପରେ ଭାରତୀୟ ନିର୍ବାଚନ ଆୟୋଗ ବନ୍ଦ କଲେ । କିନ୍ତୁ ବିଜେପି କ୍ଷମତାକୁ ଆସିଲେ ଏସଚଜି ବନ୍ଦ କରିଦେବେ ବୋଲି ବିଜେଡି ଅପପ୍ରଚାର କଲା । ଏସଏଚଜି ହେଉଛି ମୋଦୀ ସରକାରଙ୍କ ସଫଳ କାର୍ଯ୍ୟକ୍ରମ । ସେମାନଙ୍କୁ ସଶକ୍ତ କରିବା ପାଇଁ ମୋଦୀ ସରକାର ପଇସା ଦେଉଥିବା ବେଳେ ଓଡ଼ିଶାର ୨୫ ଲକ୍ଷ ଭଉଣୀଙ୍କୁ ଲକ୍ଷପତି ଦିଦି ବନାଯିବାର ନିଷ୍ପତି ନେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଆଜି ଓଡ଼ିଶାରେ ଗଣତନ୍ତ୍ର ନାହିଁ । ସ୍ୱେଚ୍ଛାଚାରିତା ଚାଲିଛି । ଚତୁର୍ଥସ୍ତମ୍ଭଙ୍କୁ ସରକାରୀ ଦପ୍ତରକୁ ଯିବା ପାଇଁ ବାରଣ କରାଯାଇଛି । ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ଅଧିସ୍ୱୀକୃତି କମିଟି ବସୁନାହିଁ । ବିଜେପି ସରକାର ହେଲେ ପରିବର୍ତ୍ତିତ ଦୃଶ୍ୟପଟ୍ଟରେ ଓଡ଼ିଶାରେ ସବଡିଭିଜନରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ସାମ୍ବାଦିକଙ୍କ ପାଇଁ ନୂଆ ନୂଆ ଅଧିସ୍ୱୀକୃତିର ପୁନଃ ରଚନା କରାଯିବ । ନିର୍ବିବାଦରେ ସରକାରୀ କାମକୁ ସମୀକ୍ଷା କରିବା ପାଇଁ ସୁଯୋଗ ଦିଆଯିବା ସହ ଅନ୍ୟ ରାଜ୍ୟ ଭଳି ପେନସନର ବ୍ୟବସ୍ଥା କରାଯିବ ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ମୁଖ୍ୟମନ୍ତ୍ରୀ ପ୍ଲେନ ଭିତରେ ରହି ବିଜେପି ସରକାର ଦିବାସ୍ୱପ୍ନ ଦେଖୁଥିବା କହ ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ଜନସଭାରେ ଏହା ଉତ୍ତର ଦେଇଥିଲେ ଭଲ ହୋଇଥାନ୍ତା ମାତ୍ର ପ୍ଲେନ ଭିତରୁ ଦିବାସ୍ୱପ୍ନ କହିବା ଠିକ କି ? ସେ ଯେଉଁ ହିସାବ ମାଗୁଛନ୍ତି, ମାଆ ସମଲେଇଙ୍କ ଭୂମିକୁ ଖୋଲା ବିତର୍କ କରିବାକୁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି । ବିଗତ ୨୪ ବର୍ଷ ଶାସନରେ ପର୍ଯ୍ୟାପ୍ତ ଧନରାଶି ମୋଦୀ ସରକାର ଦେବା ପରେ ମଧ ମହାନଦୀ ନିକଟବର୍ତ୍ତୀ ଜିଲ୍ଲା ଗୁଡିକରେ ପାନୀୟ ଜଳର ସୁବିଧା ନାହିଁ କାହିଁକି ? ସ୍କୁଲରେ ଶିକ୍ଷକ ନଥିବା ବେଳେ ପିଲାମାନେ କାହିଁକି ଅଧାରୁ ପାଠ ଛାଡୁଛନ୍ତି ? ପ୍ରାଥମିକ ଚିକିତ୍ସା ପାଇଁ ଗ୍ରାମରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟ ସ୍ତ ହୋଇଛି ନା ନାହିଁ ? ଲୋକମାନେ ଭିଟାମାଟି ଛାଡି ବାହାରକୁ କାମ କରିବାକୁ ଯାଉଛନ୍ତି ନା ନାହିଁ ? ରାଜ୍ୟ ସରକାର ସମ୍ବଲପୁରକୁ ମହାନଗର ନିଗମ କଲେ । ଏହା ସତ୍ତ୍ୱେ ୧୦ ବର୍ଷ ହେବ ସ୍ଥାନୀୟ ଲୋକମାନଙ୍କୁ ମହାନଗର ନିଗମ ନିର୍ବାଚନ ପାଇଁ ସୁଯୋଗ ଦିଆଯାଇନାହିଁ ବୋଲି ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ଏପରି କରି ସରକାର ବ୍ୟାପକ ଭ୍ରଷ୍ଟାଚାର ଓ ଦୁର୍ନୀତିକୁ ପ୍ରଶୟ ଦେଉଛନ୍ତି । ବିଜେପି ସରକାର ହେବା ପରେ ଏହି ବେପାରକୁ ବନ୍ଦ କରାଯିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ବିଧାନସଭାର ଦଳୀୟ ପ୍ରାର୍ଥୀ ଜୟନାରାୟଣ ମିଶ୍ର ମଧ ଉପସ୍ଥିତ ଥିଲେ ।

## ବିଜେପିରେ ଯୋଗଦେଲେ ମେଘନାଦ ନାୟକ

ସୁନ୍ଦରଗଡ଼ : ହକି ତାରକା ତଥା ତଳସରା ବିଧାନସଭା ଆସନରୁ କଂଗ୍ରେସ ଟିକଟ ପାଇ ପୁଣି ସେଥିରୁ ବାଦ୍ ପଡ଼ିଥିବା ନେତା ପ୍ରବୋଧ ତିର୍କୀଙ୍କୁ ବିଜେପି କୋଳେଇ ନେବା ପରେ ପୁଣି ଜଣେ ପ୍ରଭାବଶାଳୀ ନେତାଙ୍କୁ ହାତେଇବାରେ ସଫଳ ହୋଇଛି । ଦଳର ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡାଙ୍କ କାର୍ଯ୍ୟକ୍ରମ ଅବସରରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର କଂଗ୍ରେସ ଟିକଟ ପାଇଁ ବିଫଳ ପ୍ରୟାସ କରିଥିବା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମେଘନାଦ ନାୟକଙ୍କୁ ଦଳରେ ସାମିଲ କରିଛି ବିଜେପି । ମେଘନାଦ ହେଉଛନ୍ତି, ଅଖିଳ ଭୂୟାଁ ସମ୍ପ୍ରଦାୟର ରାଷ୍ଟ୍ରୀୟ ଅଧକ୍ଷ । ଭୂୟାଁ ସମ୍ପ୍ରଦାୟର ଲୋକ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରାୟ ୫ଲକ୍ଷ ଥିବାବେଳେ ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାରେ ମଧ ଲକ୍ଷାଧିକ ସଂଖ୍ୟାରେ ଅଛନ୍ତି । ଓରାମ ସମ୍ପ୍ରଦାୟର ଖ୍ରୀଷ୍ଟିୟାନ୍ ପ୍ରବୋଧ ତିର୍କୀଙ୍କ ପରେ ଭୂୟାଁ ସମ୍ପ୍ରଦାୟର ମେଘନାଦଙ୍କ ଯୋଗଦାନ ବିଜେପିକୁ ଉଲ୍ଲସିତ କରିଛି ।

## ପ୍ରଣବ ଧର୍ମେନ୍ଦ୍ର କୋଳାକୋଳି

ସମ୍ବଲପୁର : ପବିତ୍ର ଅକ୍ଷୟ ତୃତୀୟ ଅବସରରେ ସମ୍ବଲପୁରର ଗଣପର୍ବ ଶୀତଳଷଷ୍ଠୀ ଯାତ୍ରାର ଥାଳ ଉଠାପର୍ବ ସମ୍ପନ୍ନ ହୋଇଛି । ତେବେ ଥାଳଉଠା ପର୍ବ ଅବସରରେ ସମ୍ବଲପୁରର ରାଜନୈତିକ ମହଲରେ ଭିନ୍ନ ଏକ ଚିତ୍ର ଦେଖିବାକୁ ମିଳିଥିଲା । ପ୍ରତିଦିନ ବିଜେଡି ଭାଜପା ମଧରେ ବାକ୍‌ଯୁଦ୍ଧ ଚାଲିଥିବାବେଳେ ପରସ୍ପରର ଦୋଷ ଦୁର୍ବଳତାକୁ ପଦାରେ ପକାଇ ଅପଦସ୍ଥ କରିବାକୁ ପଛାଉ ନାହାନ୍ତି । ତେବେ ରାଜନୀତିର ଏଭଳି ବିଚିତ୍ର ଦୃଶ୍ୟଠାରୁ ଥାଳଉଠା ପର୍ବରେ ଉଭୟ ଦଳର ନେତାଙ୍କର ବ୍ୟବହାର ସମ୍ପୂର୍ଣ୍ଣ ଭିନ୍ନ ରହିଥିବା ଦେଖିବାକୁ ମିଳିଛି । ଭାଜପାର ସମ୍ବଲପୁର ସାଂସଦ ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ନନ୍ଦପଡ଼ାର ବମବରାଡ଼ ବାଲୁଙ୍କେଶ୍ୱର ବାବାଙ୍କ ମନ୍ଦିରରେ ଥାଳ ଉଠାପର୍ବରେ ଯୋଗ ଦେବାକୁ ପହଞ୍ଚିଥିଲେ । ଏହି ସମୟରେ ବିଜେଡିର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ(ବବି) ଏବଂ ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ମଧ ସମାନ କାର୍ଯ୍ୟକ୍ରମରେ ମନ୍ଦିରରେ ପହଞ୍ଚିଥିଲେ । ହଠାତ ଧର୍ମେନ୍ଦ୍ରଙ୍କୁ ଦେଖି ବବି ଦାସ ତାଙ୍କ ପାଖକୁ ପହଞ୍ଚିବା ପରେ ପରସ୍ପରକୁ ଆଲିଙ୍ଗନ କରିଥିଲେ । ହଠାତ୍ ଏହି ଦୃଶ୍ୟ ଦେଖି ଉଭୟଙ୍କ ସମର୍ଥକ ଏବଂ ଭକ୍ତମାନେ ବିସ୍ମିତ ହୋଇଯାଇଥିଲେ । ପରସ୍ପର ପ୍ରତି କଟୁକ୍ତି ଏବଂ ଆକ୍ଷେପଭରା ବାର୍ତ୍ତା ଶୁଣି ଆସୁଥିବା ଜନସାଧାରଣ ରାଜନୀତିର ଏହି ଦୃଶ୍ୟକୁ ନିଜ ଢଙ୍ଗରେ ବ୍ୟାଖ୍ୟା କରିଥିଲେ । ଉଭୟେ କ'ଣ କଥା ହେଲେ ତାହା ଭିଡ଼ ଭିତରେ ଶୁଣିବା ସମ୍ଭବ ନ ଥିଲା । ତେବେ ଉଭୟଙ୍କ ଭାବଭଙ୍ଗୀରୁ ପ୍ରତିଦ୍ୱନ୍ଦୀ ଭାବେ ଉଭୟେ ଛିଡା ହୋଇଥିବା ଭଳି ଅନୁମାନ କରିବା କଷ୍ଟକର ହୋଇପଡିଥିଲା । ସମାନ ଭାବରେ ଭାଜପା ପ୍ରାର୍ଥୀ ଜୟନାରାୟଣ ଏବଂ ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ମଧ ପାଖରେ ବସି କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳିଥିଲା । କିଛି ସମୟ ପରେ ଚାରିଜଣଯାକ ଝାଡୁଆପଡ଼ାର ଲୋକନାଥ ବାବାଙ୍କ ମନ୍ଦିରରେ ଥାଳଉଠା ପର୍ବରେ ଏକାଠି ବସି ପୂଜାରେ ସାମିଲ ହୋଇଥିଲେ । ପରେ ଥାଳଉଠା ସମୟରେ ଚାରିଜଣ ଯାକ ଏକାସାଙ୍ଗରେ ଥାଳ ଧରିବା ସହ ଶୀତଳଷଷ୍ଠୀ ପାଇଁଦାନ ଅର୍ଥ ପ୍ରଦାନ କରିଥିଲେ । ଲଗାତାର ଆରୋପ ପ୍ରତ୍ୟାରୋପ ଭିତରେ ଥାଳଉଠା ସମୟର ଦୃଶ୍ୟ ପୂରା ସମ୍ବଲପୁରବାସୀଙ୍କୁ ଭିନ୍ନ ଏକ ବର୍ଗର ଖୋରାକ ଯୋଗାଇଥିଲା ।

## ଲୋକଙ୍କ ସହ ଯୋଡ଼ି ହେବା ପାଇଁ ... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କିଏ ରଣନୀତି ପ୍ରସ୍ତୁତି ତ କିଏ ବୁଲିବୁଲି ପ୍ରଚାର କରୁଛନ୍ତି । ପୁଣି ଗୋଟିଏ ବଡ଼ ଗୋଷ୍ଠୀ ଦଳୀୟ ସର୍ଭେ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଠାରୁ ପ୍ରାର୍ଥୀଙ୍କ ପର୍ଯ୍ୟନ୍ତ କେଉଁ ସ୍ଥାନରେ ଲୋକପ୍ରିୟତା ହ୍ରାସ ହେଲା, ତାକୁ ନେଇ ନଜର ରଖିଛନ୍ତି । ଆଉ ଏକ ଗୋଷ୍ଠୀ ଦଳୀୟ ସାମାଜିକ ଗଣମାଧମରେ ପ୍ରଭାବିତ କରୁଛନ୍ତି । ସେମାନେ ସମସ୍ତେ ଦଳୀୟ ଖର୍ଚ୍ଚରେ ହୋଟେଲରେ ରହୁଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରାର୍ଥୀପତ୍ର ଦାଖଲ ନ୍ୟୁଜ୍ କଭରେଜ୍ ପାଇଁ ବହୁ ସଂଖ୍ୟାରେ ଜାତୀୟ ଗଣମାଧମ ପ୍ରତିନିଧି ଏଠାକୁ ଆସି ହୋଟେଲ ହରଜିତ ରେସିଡେନ୍ସିରେ ରହିଥିଲେ । ଜାତୀୟ ସ୍ତରୀୟ ସାମ୍ବାଦିକମାନେ ବିଭିନ୍ନ ସମୟରେ ପ୍ରାର୍ଥୀଙ୍କ ସାକ୍ଷାତକାର ନେବା ପାଇଁ ଆସୁଛନ୍ତି । ସୂଚନା ଅନୁଯାୟୀ, ବିଜେପି ପ୍ରାର୍ଥୀ, ଦଳୀୟ ରଣନୀତିକାରଙ୍କ ସହିତ ପ୍ରାୟ ଏକ ବର୍ଷ ହେଲା ସମ୍ବଲପୁର ଲୋକସଭା ଉପରେ ନଜର ରଖି ନିୟମିତ ଆସି ରହୁଥିଲେ । ଗତ ସରସ୍ୱତୀ ପୂଜାରେ ଗ୍ରୀନପାର୍କ ହାଉସିଂ ସୋସାଇଟିରେ ଘର କିଣି ରହିଯାଇଛନ୍ତି । ଏଠାରେ ତାଙ୍କର କିଛି ଘନିଷ୍ଠ ସ୍ଥାୟୀ ଭାବରେ ରହୁଛନ୍ତି । ବିଜେପି ହୋଟେଲ ସାକେତକୁ ସ୍ଥାୟୀ ଭାବରେ ବୁକ୍ କରିଛନ୍ତି । ବିଜେଡି ଲୋକସଭା ପ୍ରାର୍ଥୀ ସମର୍ଥକଙ୍କ ସହିତ ପ୍ରଥମେ ପାନ୍ଥନିବାସ, ଗ୍ରାଣ୍ଡ ଶିବା, ହୋଟେଲ ଡଲଫିନରେ କିଛି ଦିନ ରହିଥିଲେ । ଏବେ ଦଳ ପକ୍ଷରୁ ରୟାଲ ରିଟ୍ରିଟ୍‌କୁ ସମ୍ପୂର୍ଣ୍ଣ ବୁକ କରାଯାଇଛି । ସେଠାରେ ବିଜେଡି ଲୋକସଭା ପ୍ରାର୍ଥୀ ଏବଂ ବିଜେଡିର ସମର୍ଥକ, ରଣନୀତିକାରମାନେ ରହୁଛନ୍ତି । ଡଲଫିନରେ ବହୁସଂଖ୍ୟାରେ ବିଜେଡି କର୍ମୀ, ସମର୍ଥକମାନେ ଅଛନ୍ତି । ଏଠାରେ ନିୟମିତ ବିଜେଡିର ନିର୍ବାଚନ ପ୍ରଚାର ବୈଠକ ହେଉଛି । ପାନ୍ଥନିବାସରେ ବିଜେଡି ପ୍ରବକ୍ତା, ପର୍ଯ୍ୟବେକ୍ଷକ, ରଣନୀତିକାର ଏବଂ ଗଣମାଧମ ପ୍ରତିନିଧିମାନେ ବିଭିନ୍ନ ସମୟରେ ରହୁଛନ୍ତି । ଗ୍ରାଣ୍ଡ ଶିବାରେ ଉଭୟ ବିଜେପି, ବିଜେଡି ଏବଂ ଆରଏସଏସର ବଡ଼ ଗୋଷ୍ଠୀ ରହୁଛନ୍ତି । ଏଠାରେ ନିୟମିତ ଭାବରେ ବିଭିନ୍ନ ଦଳର ରଣନୀତି ପ୍ରସ୍ତୁତ ବୈଠକମାନ ହେଉଛି । ରେଢ଼ାଖୋଲ, ବିଜେଡି ପ୍ରାର୍ଥୀ ମଧ ଏଠାରେ ବିଭିନ୍ନ ସମୟରେ ଆସି ରହିଥାଆନ୍ତି । ପ୍ରତିଦିନ ହୋଟେଲ ହରଜିତ ରେସିଡେନ୍ସି ସ୍ଥିତ ହଲରେ ବିଜେପିର ସାମ୍ବାଦିକ ସମ୍ମିଳନୀ ଏବଂ ରଣନୀତିକାରଙ୍କ ବୈଠକ ହେଉଛି । ଏହାସହିତ ଶୀଲା ଟାୱାର, ନଟରାଜ, ଲିଏଞ୍ଜା ସମେତ ବିଭିନ୍ନ ହୋଟେଲ ରୁମରେ ସ୍ଥାୟୀ, ଅସ୍ଥାୟୀ ଭାବରେ ଦଳୀୟ କର୍ମୀ, ପର୍ଯ୍ୟବେକ୍ଷକମାନେ ରହୁଛନ୍ତି । ଗୁଣ୍ଡେରପୁର ସ୍ଥିତ ଡୁପ୍ଲେକ୍ସରେ ମଧ ଦଳୀୟ ସମର୍ଥକମାନେ ରହୁଛନ୍ତି । ସମ୍ବଲପୁର ଜିଲ୍ଲାର ନିର୍ବାଚନ ମଣ୍ଡଳୀ ଏବଂ ଦେବଗଡ଼କୁ ଯାଉଥିବା ପର୍ଯ୍ୟବେକ୍ଷକ, ପ୍ରଚାରକମାନେ ମଧ ସମ୍ବଲପୁର ସ୍ଥିତ ହୋଟେଲରେ ରହି ସେଠାକୁ ଯାଉଛନ୍ତି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ ପର୍ବ 'ଥାଳ ଉଠା' ସମ୍ପନ୍ନ







ସମ୍ବଲପୁର : ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟ ପର୍ବ 'ଥାଳ ଉଠା' ପବିତ୍ର ଅକ୍ଷୟ ତୃତୀୟା ତିଥିରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦପଡାର ବଂ



ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୂଜକ ଲକ୍ଷପତି ମହାପାତ୍ରଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାର୍ଚ୍ଚନା ପରେ ମନ୍ଦିରରୁ ଆଜ୍ଞାମାଳ ସହିତ ପୂଜା ଥାଳକୁ ବରପିତା ରାମ ପ୍ରସାଦ ମିଶ୍ର, ମାତା ବବିତା ମିଶ୍ର ହସ୍ତାନ୍ତର କରିଥିଲେ। ଏହାକୁ ବରପିତାଙ୍କ ପକ୍ଷରୁ ଭାଇ ବିଭୂତି ଭୂଷଣ ମିଶ୍ର ଚଳିତ ବର୍ଷର କନ୍ୟା ପିତାମାତା ସୁମନ୍ତ ପଣ୍ଡା ଏବଂ ନୀତିପ୍ରୀୟା ଦେବୀଙ୍କ ହାତରେ ଅର୍ପଣ କରି ବିବାହ ପାଇଁ ଚୁକ୍ତିବଦ୍ଧ ହୋଇଥିଲେ। ଏଥିରେ କମିଟି ପକ୍ଷରୁ ଶଶାଙ୍କ ଶେଖର ନନ୍ଦ, ପ୍ରଶାନ୍ତ କୁମାର ବରାଇ, ଆଶିଷ ବାବୁ, ନିଗମାନନ୍ଦ ମିଶ୍ର, ଗୋଲକ ବିହାରୀ ମିଶ୍ର, ଭୁବନ ମୋହନ ମିଶ୍ର, ଆଭାଶିଷ ମିଶ୍ର, ବିରାଜ କୁମାର ମିଶ୍ର, ଅରୁଣକାନ୍ତି ମିଶ୍ର, ବିବେକାନନ୍ଦ ମିଶ୍ର, ରାଜେଶ ମିଶ୍ର, ସମୀର ରଞ୍ଜନ ବାବୁ, ଫଣିଭୂଷଣ ମିଶ୍ର, ସିଦ୍ଧେଶ୍ୱର ନନ୍ଦ, ବିଚିତ୍ରାନନ୍ଦ ମିଶ୍ର, ସନ୍ତୋଷ ମିଶ୍ରଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ସାମିଲ ଥିଲେ।

ସେହିପରି ଝାଡୁଆପଡାର ଲୋକନାଥ ବାବାଙ୍କ ଥାଳ ଉଠା ନୀତି ସଂପନ୍ନ ହୋଇଛି। ପୂର୍ବାହ୍ନରେ ମନ୍ଦିରରେ ପୂଜକ ରାମନାଥ ମହାପାତ୍ରଙ୍କ ଦ୍ୱାରା ବାବାଙ୍କ ଜଳାଭିଷେକ ସଂପନ୍ନ ହୋଇଥିଲା। ଅପରାହ୍ନରେ ବିଧି ମୁତାବକ ଏବର୍ଷର କନ୍ୟା ପିତାମାତା ଚୟନ କରାଯାଇଥିଲା। ଏବର୍ଷ ଭୁବନେଶ୍ୱରର ଦେବାଶିଷ ମହାନ୍ତି ଏବଂ ରୀତା ମହାନ୍ତି କନ୍ୟା ପିତାମାତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅପରାହ୍ନରେ ବରପିତା ଅମରନାଥ ସୂପକାର ଏବଂ ମାତା ଅମୟ ସୂପକାର ବିବାହ ପାଇଁ ଥାଳକୁ କନ୍ୟା ପିତାମାତାଙ୍କ



ହାତରେ ଅର୍ପଣ କରିଥିଲେ। ଥାଳ ଉଠା ନୀତି ପୁରୋହିତ ପଣ୍ଡିତ ମହେନ୍ଦ୍ର ପୂଜାରୀଙ୍କ ଦ୍ୱାରା ସଂପନ୍ନ ହୋଇଥିଲା। ଏଥିରେ କମିଟି ପକ୍ଷରୁ ସରୋଜ ଦଲପତ, ପାର୍ଥସାରଥି ମିଶ୍ର, ସୁଶାନ୍ତ ପୁରୋହିତ, ମନୋଜ ମିଶ୍ର, ପ୍ରାଣରଞ୍ଜନ ପଣ୍ଡା, ଶ୍ରୀମନ୍ତ ମିଶ୍ର, ସଞ୍ଜୟ କୁମାର ମିଶ୍ର, ଶୁଭେନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ପାଢ଼ୀ, ସଞ୍ଜୀବ ପାଢ଼ୀ, ସରୋଜ କୁମାର ସାହୁ, ଶୁଭେନ୍ଦୁ ମିଶ୍ର, ସୀତାକାନ୍ତ ପାଣିଗ୍ରାହୀ, ସତ୍ୟଜିତ ପଣ୍ଡା, ମିଲୁ ପାଣିଗ୍ରାହୀ, ଅଭିଷେକ ମିଶ୍ରଙ୍କ ସମେତ ସମସ୍ତ ଯାତ୍ରା କମିଟି ସଦସ୍ୟ ଉପସ୍ଥିତ ଥିଲେ।

ସେହିପରି ମୁଦିପଡାର ଜାଗେଶ୍ୱର ବାବାଙ୍କ ଥାଳ ଉଠା ମଧ ବିଧି ଅନୁଯାୟୀ ସଂପନ୍ନ ହୋଇଛି। ବରପିତା ମଧୁସୂଦନ ନେଗୀଙ୍କ ଠାରୁ ଏବର୍ଷର କନ୍ୟା ପିତାମାତା ଦାୟିତ୍ୱ ତୁଲାଉଥିବା ମୁଦିପଡ଼ାର ଡ଼ାକ୍ତର ସୁଧାଂଶୁ ଶେଖର ପଣ୍ଡା ଓ ଡ଼ାକ୍ତର ସଂଯୁକ୍ତା ପଣ୍ଡା ବିବାହ ପାଇଁ ଥାଳ ଗ୍ରହଣ କରିଛନ୍ତି। ମନ୍ଦିର ପୂଜକ ଗୋବିନ୍ଦ ପଣ୍ଡା ଏବଂ ବିବାହ ପଣ୍ଡିତ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା। କମିଟି ସଭାପତି ଜଗଦୀଶ ପଣ୍ଡା, ସମ୍ପାଦକ ଦୁର୍ଗା ପ୍ରସାଦ ପଟ୍ଟନାୟକ, ଖଡିରତ୍ନ ବେହେରା, ରାଜକୁମାର ବଡ଼ପଣ୍ଡା, ଅକ୍ଷୟ ପ୍ରଧାନ, ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସୁନୀଲ ଦାଶ, ଲକ୍ଷ୍ମୀନାରାୟଣ ପଟେଲ, ବିନୋଦ ପଣ୍ଡା, ଅମୂଲ୍ୟ ପଟେଲ, ହିମାଂଶୁ ପାଣିଗ୍ରାହୀ, ସତ୍ୟକାନ୍ତ ମହାପାତ୍ର, ଗଙ୍ଗାଧର ଭୋଇ, ଅଭିରାମ ପଟେଲ, ଜିତୁ କର୍ଣ୍ଣ, ଶାନ୍ତନୁ ପାଣିଗ୍ରାହୀ, ବିଶ୍ୱରଞ୍ଜନ ପୂଜାରୀ, ହିତେଶ ଟଙ୍କ ପ୍ରମୁଖ ସାମିଲ ହୋଇଥିଲେ।

ଏହାଛଡ଼ା ସହରର ସର୍ବପୁରାତନ ବାଲିବନ୍ଧାର ସୋମନାଥ ବାବା, ବଡବଜାରର ଶୀତଳେଶ୍ୱର ବାବା, ଠାକୁରପଡାର ଗୁପ୍ତେଶ୍ୱର ବାବା, ବୁଢାରଜାର ପାହାଡେଶ୍ୱର ବାବା ସମେତ ସମସ୍ତ ମନ୍ଦିରରେ ଥାଳ ଉଠା ନୀତି



ସଂପନ୍ନ ହୋଇଛି। ବାଲିବନ୍ଧାର ଶ୍ରୀ ଶ୍ରୀ ସୋମନାଥ ବାବାଙ୍କ ବିବାହ ପାଇଁ ଚଳିତ ବର୍ଷ ଆଫା କଲୋନିର ଶଙ୍କର ସାହୁ ଓ ମୀନା ସାହୁ କନ୍ୟା ପିତାମାତା ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏଥି ପାଇଁ ହୋଇଥିବା ଥାଳ ଉଠାରେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ଯାତ୍ରାକମିଟି ସଭାପତି ପ୍ରଶାନ୍ତ ପ୍ରଧାନ, ଲକ୍ଷ୍ମଣ ପଟେଲ, କୈଳାସ ମିସ୍ତ୍ରୀ, ଶିବନାରାୟଣ ପାଣିଗ୍ରାହୀ, ଉମାପତି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଠାକୁରପଡ଼ା ଗୁପ୍ତେଶ୍ୱର ବାବା ମନ୍ଦିର ଷଷ୍ଠୀ ପାଇଁ ଏଥର କନ୍ୟପିତା ମାତା ଭାବରେ ପାଞ୍ଚଗୋଛିଆ ଗୁରୁନାନକ କମ୍ପ୍ଲେକ୍ସର ଶଶାଙ୍କ ଶେଖର ପ୍ରଧାନ ଓ ସୁମନ ପ୍ରଧାନ ଚୟନ ହୋଇଛନ୍ତି। ମୁଖ୍ୟ ପୂଜକ ଆଶୁତୋଷ ପୁରୋହିତ, ମନ୍ଦିର ପୂଜକ କିଶୋର ଚନ୍ଦ୍ର ଦେହୁରୀ ରହିଛନ୍ତି। କାର୍ଯ୍ୟକ୍ରମରେ ଯାତ୍ରା କମିଟି ସଭାପତି ଶିବ ପ୍ରଧାନ, ଗୋଲକ ବିହାରି ମିଶ୍ର, ସନ୍ଦୀପ ପଟ୍ଟନାୟକ, କାଳିଆ ଦୋରା ଓ ସଞ୍ଜୀବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ବଡ଼ବଜାରର ଶୀତଳେଶ୍ୱର ବାବାଙ୍କର ବିବାହ ଉତ୍ସବ ପାଇଁ ମଧ ଥାଳ ଉଠିଛି। ଏହି ଅବସରରେ ବର ପିତା ଜଗଦିଶ କଲୋନୋରିଆ, କନ୍ୟା ପିତା ରାଜା ବେହେରା, କନ୍ୟା ମାତା ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ପୂଜକ ଯୋଗେଶ୍ୱର ନନ୍ଦ, ସରିତ ପାଢ଼ୀ, ସଞ୍ଜୟ ବଡ଼ମାଳୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଯାତ୍ରାକମିଟୀ ସଭାପତି କିଶୋର ପ୍ରଧାନ, କାଳିଦାସ ପଣ୍ଡା, ପଞ୍ଚାନନ ତ୍ରିପାଠୀ, ଭବେଶ ଚାନ୍ଦ, ମନୋଜ ପଲସାନିଆ, କୁନ୍ଦନ ପ୍ରଧାନ, ଆଶିଷ ରାଏ ଓ ହରି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀ ପର୍ଶୁରାମ ଯୁବକ ସଂଘ ତରଫରୁ ରକ୍ତ ଦାନ ଶିବିର








ସମ୍ବଲପୁର: ପର୍ଶୁରାମ ଯୁବକ ସଂଘ ତରଫରୁ ଶ୍ରୀ ପର୍ଶୁରାମ ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୋଟ୍ ୫୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବୁର୍ଲା ରକ୍ତଭଣ୍ଡାରର ଦେବାଶିଷ ମିଶ୍ର, ମଣ୍ଟୁ ପ୍ରଧାନ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରକୁ ତରୁଣ ଗାନ୍ଧୀ, କୁଞ୍ଜ ବିହାରୀ ଶର୍ମା, ବିବେକ ଶର୍ମା, ଟିଙ୍କୁ ଯୋଶୀ, ରୋମିଓ ଶର୍ମା, ପିଣ୍ଟୁ ଶର୍ମା, ବିଜୟ ଶର୍ମା, ଅନୁପ ଲାଟା ଏବଂ ରାମଦାସ ପଣ୍ଡା ସହଯୋଗ କରିଥିଲେ। ରକ୍ତଦାତା ମାନଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଚିନ୍ମୟାନନ୍ଦ ସରସ୍ୱତୀଙ୍କ ୧୦୮ ତମ ଜୟନ୍ତୀ ଅବସରରେ ଦାନୀପାଲିର ଚିନ୍ମୟ ମିଶ୍ର ଆଶ୍ରମରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଗୁରୁମା ବିଷ୍ଣୁପ୍ରିୟା ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା।

## ବିନୋଦ ପଶାୟତଙ୍କୁ ବାରିକ ସମାଜ ପକ୍ଷରୁ ସମ୍ବର୍ଦ୍ଧନା

ସମ୍ବଲପୁର : ନିକଟରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବିଶିଷ୍ଟ ଗୀତିକାର ବିନୋଦ ପଶାୟତଙ୍କୁ ବାରିକ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଶ୍ରୀ ସନ୍ତୋଷ ବାରିକଙ୍କ ଅଧକ୍ଷତାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଧାନ ସଭାର ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ଶ୍ରୀ ଚିତ୍ତରଞ୍ଜନ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra